






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଲା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଅଳିଆଗଦାରେ ପଡ଼ିଛି ଶିଳ୍ପ ନିରାପତ୍ତା ଆଇନ!

କେବଳ ଓଡ଼ିଶା ପାଇଁ ନୁହେଁ ସମଗ୍ର ଭାରତବର୍ଷର ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତ ଶିଳ୍ପ ସମ୍ବନ୍ଧୀୟ କଳକାରଖାନା ପାଇଁ କଠୋର ଆଇନ ରହିଛି। ଶିଳ୍ପଜନିତ ଶ୍ରମିକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଭିତିରେ ମାନିବା ପାଇଁ ବିଭିନ୍ନ ସମୟରେ ଆଇନର ତର୍ଜମାକୁ କଠୋର ବି କରାଯାଇଛି। ମାନ୍ୟବର ସୁପ୍ରିମକୋର୍ଟଙ୍କଠାରୁ ହାଇକୋର୍ଟ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଶିଳ୍ପ ନିରାପତ୍ତା ଆଇନ ମାମଲାରେ ନିରପେକ୍ଷ ତଦନ୍ତ ସହ କଠୋର ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ କଡ଼ାକଡ଼ି ନିର୍ଦ୍ଦେଶ ବି ଦିଆଯାଇଛି। ୧୯୯୪ର ଅଗ୍ରୱାଲ ଇଣ୍ଡଷ୍ଟ୍ରିଜ୍ ବନାମ ମହାରାଷ୍ଟ୍ର ସରକାର ମାମଲାଠାରୁ ୨୦୧୨ର ପଶ୍ଚିମବଙ୍ଗ ସରକାର ବନାମ ସିଂ ଟ୍ରେଡର୍ସ ଆଲଏଡ୍ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ନିରୀହ ଶ୍ରମିକଙ୍କୁ ଯୂପକାଠିର ବଳିବୋଦା କରାଯାଉଥିବା ନେଇ ଘୋର ଉଦ୍‌ବେଗ ପ୍ରକାଶ କରି ଯେଉଁ କଡ଼ା ନିର୍ଦ୍ଦେଶବଳୀ ଜାରି କରିଥିଲେ ତାହାକୁ ଭାରତର ଅଧିକାଂଶ ଛୋଟବଡ଼ ଶିଳ୍ପସଂସ୍ଥାମାନେ ଫୁତ୍କାରରେ ଉଡାଇ ଦେଇଛନ୍ତି। ପ୍ରକାରାନ୍ତରେ କହିବାକୁ ଗଲେ ଶିଳ୍ପ ନିରାପତ୍ତା ଆଇନ ଅଳିଆଗଦାରେ ହିଁ ପଡ଼ିରହିଛି। ଦିନକୁ ଦିନ ଶିଳ୍ପ ପ୍ରଗତିକୁ ଅଗ୍ରାଧିକାର ଦିଆଯାଉଥିବାରୁ ଶିଳ୍ପ କାରଖାନା ଛତୁ ଫୁଟିଲା ପରି ଗଢ଼ି ଉଠୁଛି। କିନ୍ତୁ ସରକାରୀ ପ୍ରଣୀତ ଆଇନକୁ ପଛରେ ପକାଇ ଏହି କଳକାରଖାନାର କର୍ତ୍ତୃପକ୍ଷ ନା ଆଇନକୁ ମାନୁଛନ୍ତି ନା ଶ୍ରମିକଙ୍କୁ ବୈଷୟିକ ତାଲିମ ଦେଉଛନ୍ତି। କେବଳ ସେତିକି ନୁହେଁ ସରକାରଙ୍କୁ ପ୍ରଭାବିତ କରି ନିୟମିତ ଅନୁଧ୍ୟାନ ଓ ଯାଞ୍ଚ ବ୍ୟବସ୍ଥାକୁ ରୋକିବାରେ ବି ସଫଳ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ପାଖାପାଖି କାର୍ଯ୍ୟକ୍ଷମ ଅବସ୍ଥାରେ ଥିବା ଚାରିହଜାରରୁ ଊର୍ଦ୍ଧ୍ୱ ଛୋଟବଡ଼ ଶିଳ୍ପ କାରଖାନା କାର୍ଯ୍ୟକରୁଛି। ଏଥିରେ ଶ୍ରମିକ ଭାବେ କାର୍ଯ୍ୟକରୁଥିବା ଅଧିକାଂଶ ହେଉଛନ୍ତି ଦାରିଦ୍ର୍ୟ ପ୍ରପୀଡ଼ିତ ପରିବାରର, ବେକାରୀରେ ଛଟପଟ ହେଉଥିବା ଅଭାବୀ ଉଚ୍ଚଶିକ୍ଷିତ ପିଲା, ତଥା ଗ୍ରାମାଞ୍ଚଳ ଓ କୃଷିକ୍ଷେତ୍ରରୁ ଆସୁଥିବା ଅଣକୁଶଳୀ ଓ ଅନଭିଜ୍ଞ ଯୁବବର୍ଗ। ଦିନକୁ ଦିନ ରାଜ୍ୟରେ ଶିଳ୍ପ ପ୍ରଗତି ନାମରେ ଚଷାଭାଇର କ୍ଷେତ ଉପରେ ଶିଳ୍ପର ଚିମିନି ଧୂଆଁ ଉଠୁଥିବାରୁ ବେରୋଜଗାରୀ ଯୁବବର୍ଗମାନେ ଯାହା ପାଇଲେ ସନ୍ତୁଷ୍ଟ ନିଆଁରେ କମ୍ ମଜୁରୀରେ ଏହି ଶିଳ୍ପସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ଏହି ଶ୍ରମଶକ୍ତି ହାତପାଆନ୍ତାରେ ଓ ଖୁବ୍ କମ୍ ମଜୁରୀରେ ମିଳିଯାଉଥିବାରୁ ପରବର୍ତ୍ତୀ ସମୟରେ ଶିଳ୍ପସଂସ୍ଥାମାନେ ସେମାନଙ୍କୁ ତାଲିମ ଦେବା ପାଇଁ ଉଚିତ୍ ନ ମଣି ବରଂ ସେମାନଙ୍କ ଜୀବନକୁ ତତଲା ଲୁହା ଭିତରକୁ ପୂରାଇ ଦେଉଥିବା ପରି ଅଭିଯୋଗ ବିଭିନ୍ନ ସମୟରେ ଗଣମାଧ୍ୟମରେ ଚର୍ଚ୍ଚିତ ଖବର ଭାବେ ପ୍ରକାଶ ପାଉଛି। କିଛିବର୍ଷ ତଳେ ଭାରତର ମହାଲେଖାକାର ଏଭଳି ପରିସ୍ଥିତି ପାଇଁ ଉଦ୍‌ବେଗ ପ୍ରକାଶ କରି ଶ୍ରମଜୀବୀଙ୍କୁ ବୈଷୟିକ ତାଲିମ ପ୍ରଦାନ ସହ ସେମାନଙ୍କ ଧନଜୀବନର ସୁରକ୍ଷା ପାଇଁ ବିଧିବଦ୍ଧ ଆଇନ ପ୍ରଣୟନ ପାଇଁ ସରକାରଙ୍କୁ ଯେଉଁ ପରାମର୍ଶ ଦେଇଥିଲେ, ତାହା ସରକାରୀ ନାଲିଫିତା ତଳେ ହିଁ ଚାପି ପଡ଼ିଯାଇଛି। ୨୦୦୬ରୁ ୨୦୦୮ ଦୁଇବର୍ଷ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଶିଳ୍ପସଂସ୍ଥାର ଶ୍ରମିକଙ୍କ ସୁରକ୍ଷାଜନିତ ପରିସ୍ଥିତିକୁ ତର୍ଜମା କରି ଭାରତର ମହାଲେଖାକାର ଯେଉଁ ରିପୋର୍ଟ ଦେଇଥିଲେ ତାହା ସରକାରଙ୍କ ଶୀତଳ ଭଣ୍ଡାରରେ ପଡ଼ିଛି। ଅବଶ୍ୟ ଏହାକୁ ଚାପିବା ପାଇଁ ଶିଳ୍ପସଂସ୍ଥାର ଅଦୃଶ୍ୟ ହାତର କରିସ୍ମା ହିଁ ଏସବୁ କିଛି ସମ୍ଭବ କରୁଥିବାର ଅଭିଯୋଗ ଉଠୁଛି।

ଶିଳ୍ପସଂସ୍ଥାର ଯାଞ୍ଚ ଓ ତନଖି ପାଇଁ ରାଜ୍ୟସରକାରଙ୍କ ଶ୍ରମ ବିଭାଗ ଓ ଫ୍ୟାକ୍ଟ୍ରି ଏଣ୍ଡ ବଏଲର ସେମାନଙ୍କ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନା କରୁନଥିବା ନେଇ ଖୋଦ୍ ମହାଲେଖାକାର ନିଜ ରିପୋର୍ଟରେ ଦର୍ଶାଇଛନ୍ତି। ଓଡ଼ିଶାରେ ଦୁଇବର୍ଷରେ ଶିଳ୍ପ ଅନୁଷ୍ଠାନ ସଂକ୍ରାନ୍ତ ମାମଲାରୁ ଯାହା ତଥ୍ୟ ବାହାରିଛି, ସେଥିରେ ପ୍ରକାଶ ପାଇଛି ଯେ ୩୨୭୬ ଥର ଯାଞ୍ଚ କରାଯିବାର ପ୍ରାସଙ୍ଗିକତା ଥିବାବେଳେ ମାତ୍ର ୯୩ ଥର ଯାଞ୍ଚ ହୋଇଛି। ପ୍ରତିଟି ଶିଳ୍ପସଂସ୍ଥାରେ ଜରୁରୀକାଳୀନ ରେସପନ୍ସ କେନ୍ଦ୍ର ଗଠନ କରିବା ପାଇଁ ସରକାରଙ୍କୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାହାକୁ ଅଧିକାଂଶ ଶିଳ୍ପସଂସ୍ଥାମାନେ ମାନିନାହାଁନ୍ତି। ସେହିପରି ପାଞ୍ଚଶହରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟରତ ଶିଳ୍ପ ସଂସ୍ଥାରେ ଜରୁରୀକାଳୀନ ଭାବରେ ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଗଢ଼ିବାର ନିୟମକୁ ବି ଅଧିକାଂଶ ଶିଳ୍ପସଂସ୍ଥା ଗ୍ରହଣ କରିନାହାନ୍ତି। ନିକଟଅତୀତରେ ଭୂଷଣ ଇସ୍ପାତ କାରଖାନାରେ ଯେଉଁ ଭୟାବହ ବିସ୍ଫୋରଣରେ ଶ୍ରମଜୀବୀଙ୍କ ମୃତାହତ ପ୍ରସଙ୍ଗ ପରେ ଶିଳ୍ପ କାରଖାନାର ସୁରକ୍ଷା ଓ ଆଇନ ନେଇ ବିଭିନ୍ନ ଫୋରମ୍‌ରେ ପ୍ରଶ୍ନ ଉଠୁଛି। ଭୂଷଣ ମାମଲାରୁ ଯାହା ଜଣାଯାଉଛି ଏଠାରେ ୪୮ଟି ଅନୁବନ୍ଧିତ ନିର୍ମାଣ ଠିକା ସଂସ୍ଥା କାର୍ଯ୍ୟ କରୁଥିଲାବେଳେ ଅଣଅନୁବନ୍ଧିତ ସଂସ୍ଥାଙ୍କ ସଂଖ୍ୟା ଶତାଧିକରୁ ଊର୍ଦ୍ଧ୍ୱ। ଯାହାଦ୍ୱାରା ଦୁର୍ଘଟଣା ଦିନ ଶ୍ରମିକଙ୍କ ଉପସ୍ଥିତିର ତଥ୍ୟ ଦେବା ପାଇଁ ଭୂଷଣ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଶିଳ୍ପସଂସ୍ଥାରେ ଶ୍ରମିକଙ୍କ ନିରାପତ୍ତା ସୁରକ୍ଷା ସମ୍ବନ୍ଧୀୟ ଓଡ଼ିଶା ଫ୍ୟାକ୍ଟ୍ରିଜ୍ ରୁଲ ୧୯୫୯କୁ ଠିକ୍‌ଭାବେ ପାଳନ କରାଯାଉନାହିଁ ବୋଲି ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଅଭିଯୋଗ ହେଉଛି। ରାଜ୍ୟରେ ଶିଳ୍ପ ଦୁର୍ଘଟଣାରେ ୧୯୯୭ରେ ମାତ୍ର ଚାରିଜଣ ମୃତ୍ୟୁଲାଭ କରିଥିବାବେଳେ ୨୦୦୯ରେ ୧୨୨ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ରାଜ୍ୟର ଚାରୋଟି ଶିଳ୍ପ ଅଦାଲତ ଓ ଶ୍ରମ ଅଦାଲତରେ ପାଖାପାଖି ୬୭୩୪ଟି ମାମଲା ବିଚାରାଧୀନ ରହିଛି। ପଶ୍ଚିମାଞ୍ଚଳ ପୌରନିର୍ବାଚନ ପାଇଁ ରାଜ୍ୟ ସରକାର ନିଜର କଳବଳ କୌଶଳକୁ ଲଗାଇ ଦେଇଥିବାରୁ ଭୂଷଣ ମାମଲାକୁ ଗମ୍ଭୀରତାର ସହ ନେଇ ନଥିବା ନେଇ ବିରୋଧୀ ଦଳଙ୍କ ଦାବୀ ହୋଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭୂଷଣ ପରି ଭୟାବହ ଶିଳ୍ପ ବିସ୍ଫୋରଣ ମାମଲା ପରଠାରୁ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପଦୁଟିଏ ବି ପ୍ରତିକ୍ରିୟା ଦେଇନାହାଁନ୍ତି। ପ୍ରାରମ୍ଭିକ ସମୟରେ ଭୂଷଣର ଦୁର୍ଘଟଣା ପାଇଁ ଶ୍ରମମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଆଡ଼କୁ ଆଙ୍ଗୁଠି ଉଠାଇଥିଲେ ବି ପରବର୍ତ୍ତୀ ସମୟରେ ସେ ବି ପୁରାପୁରି ନୀରବ। ସେହିପରି ବିଭିନ୍ନ ଦଳର ନେତାମାନେ ପ୍ରଥମେ ତୁଣ୍ଡିତୋଫାନ ଦେଖାଉଥିଲେ ବି ପରେ କିନ୍ତୁ ପୁରାପୁରି ମାମଲାରୁ ଉଭାନ ହୋଇଯାଇଛନ୍ତି। ଭୂଷଣରେ ଏହି ଭୟାନକ ମାମଲାକୁ ମାଡ଼ି ମକଚି ଦଳି ଦେବାକୁ କମ୍ପାନୀଠାରୁ ସରକାର ସମସ୍ତେ ହିଁ ଯେପରି ତତ୍ପର ତାହାକୁ ନେଇ ଗଣମାଧ୍ୟମରେ ବିଭିନ୍ନ ଖବର ପ୍ରକାଶ ପାଉଛି। ଯାହାଦ୍ୱାରା ଭୂଷଣର ୨୫୦ ମେଗାୱାଟ ବିଶିଷ୍ଟ ପାୱାର ପ୍ଲାଣ୍ଟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅନୁମତି ନ ନେଇ ଚଳାଇବାର ଦୁଃସାହାସ କରିଛି। ଭୂଷଣର ବିସ୍ଫୋରଣର ପ୍ରସଙ୍ଗ ଶିଳ୍ପନିରାପତ୍ତା ଆଇନକୁ ଖୋଲାଖୋଲି ଜଳଜଳ କରି ସମସ୍ତଙ୍କୁ ହିଁ ଦେଖାଇ ଦେଉଛି। ପ୍ରଶାସନ ଓ ସରକାର ଏ ପ୍ରସଙ୍ଗକୁ ଚାପିଦେଲେ ରାଜ୍ୟରେ ପରବର୍ତ୍ତୀ ସମୟରେ ଭୂଷଣ ପରି ଭୟାନକ କାଣ୍ଡ କେତେ ନିରୀହ ମେହନତିଙ୍କ ଜୀବନଦୀପ ଯେ ନ ଲିଭାଇବ ତାହା କିଏ କହିବ ?

# ସ୍ୱପ୍ନ ସଂକଳ୍ପ ଓ ପ୍ରଗତିର ଅଗ୍ରଦୂତ: ଡକ୍ଟର କଳାମ

ଯୁଗେ ଯୁଗେ ମହାପୁରୁଷଙ୍କର ଆବିର୍ଭାବ ହୁଏ। ସାମାଜିକ ଜୀବନ ଯେତେବେଳେ କଳୁଷିତ, ମନୁଷ୍ୟ ପଥଭ୍ରଷ୍ଟ, ସମାଜରେ ଆସୁରିକ ଶକ୍ତି ବୃଦ୍ଧିପାଏ। ମାଟିରୁ ଆକାଶ, ମହାକାଶରୁ ମହାଶୂନ୍ୟ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ମନୁଷ୍ୟ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହସ ଓ ଶକ୍ତିର ଉତ୍ସ ସୃଷ୍ଟି କରୁଥିବା ଭାରତୀୟ କ୍ଷେପଣାସ୍ତ୍ରର ଜନକ, ଲୋକପ୍ରିୟ ରାଷ୍ଟ୍ରପତି ଡକ୍ଟର ଅବୁଲ ପାକିର ଜୈନୁଲ ଆବେଦିନ ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ମାଡ୍ରାସ (ଚେନ୍ନାଇ) ଅନ୍ତର୍ଗତ ରାମେଶ୍ୱର ଦ୍ୱୀପାଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତାଙ୍କ ନାମ ଆସି ଆମା ଓ ପିତାଙ୍କ ନାମ ଜୈନୁଲ ବଦ୍ଦିନ୍ ମରକାୟାର। ତାଙ୍କର ଏକ ବଡଭାଇ ଥିଲେ ଏ.ପି.ଜେ ମୁଥାୟାର୍। ସେ ଶାନ୍ତ, ସରଳ, ଉଦାର ସ୍ୱଭାବର ପିଲା ଥିଲେ। ସେ ମା’ଙ୍କ ହାତରନ୍ଧା ଖାଦ୍ୟ ମା’ଙ୍କ ସହିତ ରୋଷେଇ ଘର ଚଟାଣରେ କଦଳୀପତ୍ରରେ ଖାଉଥିଲେ। ପିତାମାତାଙ୍କର କାଲାମ୍ ଥିଲେ ଗେହ୍ଲା ପୁଅ।

କଲାମ ରାମେଶ୍ୱର ଏଲିମେଣ୍ଟାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ିବା ସମୟରେ ଆଗଧାଡିରେ ରାମାନନ୍ଦ ଶାସ୍ତ୍ରୀଙ୍କ ପାଖକୁ ଲାଗି ବସିଥାନ୍ତି। ରାମେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ଥିବା ଲକ୍ଷ୍ମଣ ଶାସ୍ତ୍ରୀଙ୍କ ପୁଅ ରାମାନନ୍ଦ ଶାସ୍ତ୍ରୀ। ଶ୍ରେଣୀ ଶିକ୍ଷକ ଏହାକୁ ଗ୍ରହଣ କରିପାରି ନ ଥିଲେ। କଲାମଙ୍କୁ ଉଠାଇ ଶେଷ ବେଞ୍ଚରେ ବସିବାକୁ କହିଲେ। ଏହି ଘଟଣାରେ ଉଭୟ ଦୁଃଖିତ ହୋଇପଡିଲେ। ଲକ୍ଷ୍ମଣ ଶାସ୍ତ୍ରୀ ଏହା ଜାଣିବା ପରେ ଶିକ୍ଷକଙ୍କୁ କ୍ଷମା ମାଗିବାକୁ କହିଥିଲେ। ଦିନେ ବିଜ୍ଞାନ ଶିକ୍ଷକ ଶିବସୁବ୍ରମଣି ଆୟାର (ବ୍ରାହ୍ମଣ) କଲାମଙ୍କୁ ଖାଇବାକୁ ଘରକୁ ଡାକିଥିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ଦେଖି ମୁହଁ ଛିଞ୍ଚାଡି ଭୋଜନ ଦେବାକୁ ମନା କରିଦେଲେ। ଆୟାର ତାଙ୍କ ପତ୍ନୀ ଉପରେ ରାଗିଲେ ନାହିଁ ବରଂ ନିଜେ ବାଢ଼ିଲେ କଲାମଙ୍କ ପାଇଁ ଓ କଲାମଙ୍କ ପାଖରେ ଖାଇବାକୁ ବସିପଡିଲେ। କିଛିଦିନ ପରେ କଲାମଙ୍କୁ ପୁଣି ଘରକୁ ଖାଇବାକୁ ଡାକିଲେ। କଲାମ ଆଶ୍ଚର୍ଯ୍ୟ ହୋଇ ଶିକ୍ଷକଙ୍କ ଘରେ ପହଞ୍ଚିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ରୋଷେଇ ଘର ଭିତରକୁ ନେଇ ବସାଇଲେ ଓ ନିଜ ହାତରେ ଖାଇବାକୁ ବାଢ଼ି ଦେଇଥିଲେ। କଲାମ ରାମେଶ୍ୱରମ ଏଲିମେଣ୍ଟାରୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଓ ରାମନାଥପୁରମ୍ ସ୍କାଟିକ୍ ହାଇସ୍କୁଲରୁ ଶିକ୍ଷା ସମାପ୍ତି କରି ତିରୁଚିରାପଲ୍ଲୀ ସେଣ୍ଟ ଯୋସେଫ୍ କଲେଜରେ ଅଧ୍ୟୟନ କଲେ। କୃତିତ୍ୱର ସହିତ ବି.ଏସ୍‌ସି. ପାସ୍ କଲେ। କଲାମଙ୍କ ପିତା ଜୈନୁଲା ବଦ୍ଦିନ୍ ଜଣେ ନାବିକ ଥିଲେ। ପରିବାର ଚଳାଇବା ପାଇଁ ପିତାଙ୍କ ରୋଜଗାର ଯଥେଷ୍ଟ ନଥିଲା। ତେଣୁ ସେ ସ୍କୁଲ ପାଠପଢ଼ା ସମୟରେ ଖବରକାଗଜ ବିତରଣ କରୁଥିଲେ। ସ୍କୁଲରେ କଲାମ ଆଗଧାଡିର ଛାତ୍ର ନଥିଲେ ମଧ୍ୟ ଜଣେ ମେଧାବୀ ଭାବେ ପରିଚିତ। କବି ଜିବ୍ରାନଙ୍କ ଦ୍ୱାରା କଲାମ ପ୍ରଭାବିତ ହୋଇଥିଲେ। ସ୍ନାତକ ଡିଗ୍ରୀ ପରେ ୧୯୫୫ରେ କଲାମ ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍.ଆଇ.ଟି)ରୁ ଜଣେ ବୈମାନିକ ଇଞ୍ଜିନିୟର ଭାବେ ବାହାରିଥିଲେ। ୧୯୫୮ ମସିହାରେ କଲାମ୍ ହିନ୍ଦୁସ୍ଥାନ ଏରୋନଟିକ୍ସ ଟ୍ରେନିଂ ନେଲାପରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ଯୋଗଦେଲେ। ଏହାପରେ ସେ କାନପୁରରେ ଅବସ୍ଥାପିତ ଏୟାର କ୍ରାଫଟ୍ ଆଣ୍ଡ ଅର୍ମାମେଣ୍ଟ କେନ୍ଦ୍ରରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଥିଲେ। ବମ୍ବେରେ ପ୍ରତିଷ୍ଠିତ ମହାକାଶ ଗବେଷଣା କେନ୍ଦ୍ରରେ ରକେଟ୍ ଇଞ୍ଜିନିୟର ଭାବରେ ଯୋଗଦେଇ କର୍ମଦକ୍ଷତାର ପ୍ରତିପାଦନ କରିଥିଲେ। ରକେଟ ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଆମେରିକାର ନାସା କେନ୍ଦ୍ରରେ ଯୋଗଦେଇଥିଲେ। ସେଠାରେ ସେ ଛ’ ମାସ ରହି ଜ୍ଞାନଲାଭ କରିଥିଲେ। ୧୯୬୯ରେ ଇସ୍ରୋର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ ଉତ୍କ୍ଷେପଣ ଯାନ (ଏସ୍.ଏଲ୍.ଭି-୩)ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ଏସ୍.ଏଲ୍.ଭି-୩ ସଫଳତା ଯୋଗୁ ବମ୍ବେ ସ୍ଥିତ ନେହେରୁ ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ ହୋଇଥିଲେ। କଲାମ ବାଙ୍ଗାଲୋର୍ ସ୍ଥିତ ବ୍ୟୋମଯାନ ଉନ୍ନୟନ ସଂସ୍ଥାରେ ଯୋଗଦେଇ ହୋଭର କ୍ରାଫଟ୍ ଯାନ ନିର୍ମାଣକାରୀ ଚାରିଜଣିଆ ଦଳର ନେତୃତ୍ୱ ନେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଭିକେ କୃଷ୍ଣମେନନ୍‌ଙ୍କୁ କଲାମ ଲାଞ୍ଜବିହୀନ ହୋଭର କ୍ରାଫଟ୍ ‘ନନ୍ଦି’ରେ ବସାଇ ଆକାଶରେ ଉଡିଥିଲେ। ୧୯୮୦ ମସିହା ଜୁଲାଇରେ ‘ରୋହିଣୀ’ ଉପଗ୍ରହକୁ ମହାକାଶରେ ସ୍ଥାପିତ କରି ଭାରତ ‘ଆନ୍ତର୍ଜାତୀୟ ମହାକାଶ କ୍ଲବ୍’ରେ ନିଜକୁ ସାମିଲ କରିଥିଲା। ଏହାପରେ କଲାମ ଇସ୍ରୋ ତ୍ୟାଗ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ଗାଇଡେଡ ମିସାଇଲ ଡେଭଲପମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ତ୍ରିଶୂଳ (ଅଳ୍ପ ଉଚ୍ଚରେ ଉଡୁଥିବା ବିମାନକୁ ଲକ୍ଷ୍ୟଭେଦ କରିବାକୁ ସକ୍ଷମ କ୍ଷେପଣାସ୍ତ୍ର), ପୃଥ୍ୱୀ (ଭୂପୃଷ୍ଠରୁ ଭୂପୃଷ୍ଠକୁ ୧୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା କ୍ଷେପଣାସ୍ତ୍ର), ଆକାଶ (୧୫ ସେକେଣ୍ଡରେ ୨୫ କି.ମି. ପର୍ଯ୍ୟନ୍ତ ଭୂପୃଷ୍ଠରୁ ଆକାଶକୁ ଭେଦ କରିପାରୁଥିବା ସୁପରସୋନିକ କ୍ଷେପଣାସ୍ତ୍ର, ଯିଏ କି ଏକ ସମୟରେ ୪ଟି ଲକ୍ଷ୍ୟସ୍ଥଳକୁ ନିଶାଣ କରିବାକୁ ସକ୍ଷମ), ଅଗ୍ନି (୫୦୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ବଲିଷ୍ଟିକ୍ କ୍ଷେପଣାସ୍ତ୍ର) ଓ ବ୍ରହ୍ମୋସ (ରୁଷ ସହିତ ମିଳିତ ଭାବେ ବିକଶିତ କ୍ଷେପଣାସ୍ତ୍ର ଧ୍ୱନିଠାରୁ ଦ୍ରୁତଗତିରେ ଯାଉଥିବା ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠ, ସମୁଦ୍ର ଓ ଆକାଶରେ ଲକ୍ଷ୍ୟଭେଦ କରିବାକୁ ସକ୍ଷମ)କୁ ବିକଶିତ କରିବାରେ କଲାମଙ୍କ ଅବଦାନ ରହିଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବା ମିସାଇଲ୍ ମ୍ୟାନ୍ କୁହାଯାଏ।୧୯୮୯ ମସିହାରେ ଆଇଟିଆର୍ ପ୍ରତିଷ୍ଠା ହେବାପରଠାରୁ ସେ ବାରମ୍ବାର ଚାନ୍ଦିପୁର ଆସୁଥିଲେ। ତେଣୁ କଲାମଙ୍କ ସହ ଓଡିଶାର ନିବିଡ ସମ୍ପର୍କ ରହିଥିଲା। କଲାମ ୧୯୯୮ ମସିହା ମେ’ ମାସ ୧୧ ଓ ୧୩ ତାରିଖରେ ରାଜସ୍ଥାନର ପୋଖରାନଠାରେ ଆଣବିକ ପରୀକ୍ଷା କରି ସମଗ୍ର ବିଶ୍ୱବାସୀଙ୍କୁ ଚକିତ



କରିଦେଇଥିଲେ। କଲାମ ନିଜର କର୍ମକୁ ମହାନ୍ ମନେକରୁଥିଲେ। ଏହିପରି ଜଣେ ବିରଳ ବ୍ୟକ୍ତିତ୍ୱକୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ମିଳିଥିଲା। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ। କଲାମ ବହୁ ମୂଲ୍ୟବାନ ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି ‘ଓ୍ୱିଙ୍ଗସ ଅଫ୍ ଫାୟାର୍’, ‘ଇଣ୍ଡିଆ ୨୦୨୦-ଏ ଭିଜନ ଫର ଦ ନିଉ ମିଲେନିଅମ’, ‘ମାଇଁ ଜର୍ନି’ ଓ ‘ ଇଗ୍ନାଇଟେଡ ମାଇଣ୍ଡସ ଅନଲିସିଂ ଦ ପାଓ୍ୱାର ଓ୍ୱିଦିନ ଇଣ୍ଡିଆ’। କଲାମ ଜଣେ ଅଣରାଜନୈତିକ ବ୍ୟକ୍ତି ଭାବେ ୨୦୦୨ ମସିହା ଜୁଲାଇ ୨୫ ତାରିଖରେ କ୍ୟାପ୍‌ଟେନ୍ ଲକ୍ଷ୍ମୀ ସେହେଗାଲଙ୍କୁ ହରାଇ ଭାରତର ଦ୍ୱାଦଶ ରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ। ଭାରତର ସର୍ବୋଚ୍ଚ ଆସନରେ ଅଳଙ୍କୃତ ହେବାପରେ ପ୍ରଥମ ଭାଷଣରେ ଦେଶ ନିମନ୍ତେ ପାଞ୍ଚଟି କଥା କହିଥିଲେ। ପ୍ରତିରକ୍ଷା, ପରମାଣୁ, ମହାକାଶ, ପ୍ରଯୁକ୍ତି ବିଦ୍ୟା ଓ ଦେଶର ସାମଗ୍ରିକ ବିକାଶ। ତାଙ୍କ ପାଖରେ ଛୁଆଁ ଅଛୁଆଁର ଭେଦଭାବ ନଥିଲା। ତାଙ୍କର ସ୍ନେହଶ୍ରଦ୍ଧା ପିଲାମାନଙ୍କ ପ୍ରତି ଅତ୍ୟନ୍ତ ଥିଲା। ସେଥିପାଇଁ ପିଲାମାନେ ତାଙ୍କୁ ସାର୍, ଅଙ୍କଲ, ଗ୍ରେଟ କଲାମ ସାର୍ ଓ ମ୍ୟାନ୍ ଅଫ୍ ଦି ନେସନ ଭାବରେ ଅଭିହିତ କରୁଥିଲେ। ତେଣୁ ତାଙ୍କର ୭୯ତମ ଜନ୍ମଦିନକୁ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିଥିଲା। ସେ ରାଷ୍ଟ୍ରପତି ଭାବରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଅନ୍ୟ ଦ୍ୱାରା ଜୋତା କାଢ଼ିବା ପରମ୍ପରାକୁ ଭଙ୍ଗକରି କାର୍ ଭିତରେ ଜୋତା ରଖିଥିଲେ। କଲାମ ରାଷ୍ଟପତି ଭାବେ ପାଉଥିବା ସମସ୍ତ ପୁଞ୍ଜିକୁ ଏକ ଟ୍ରଷ୍ଟକୁ ଦାନ କରି ଦେଉଥିଲେ।

ଈଶ୍ୱରବିଶ୍ୱାସୀ କଲାମ ସାଧୁ, ସନ୍ନ୍ୟାସୀ ମାନଙ୍କୁ ଗଭୀର ସମ୍ମାନ କରୁଥିଲେ। ସେ ମୁସଲିମ୍ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତ ଧର୍ମକୁ ସମ୍ମାନ କରୁଥିଲେ। ସେ ସମସ୍ତ ଧର୍ମର ଊର୍ଦ୍ଧ୍ୱରେ ଥିଲେ। ମଣିଷ ଗୋଟିଏ ଜାତି ବୋଲି ବୁଝିଥିଲେ। ରାଷ୍ଟ୍ରପତି ପଦରୁ ଅବସର ନେବାପରେ କଲାମ୍ ଆଇଆଇଏମ୍ ସିଲଂ, ଆଇଆଇଏମ୍ ଅହମ୍ମଦାବାଦ, ଆଇଆଇଏମ୍ ଇନ୍ଦୋରରେ ପରିଦର୍ଶନକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ଏହି ଲୋକପ୍ରିୟ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ଅବଦୁଲ କଲାମ ୨୦୧୫ ମସିହା ଜୁଲାଇ ୨୭ ତାରିଖ ସୋମବାର ଦିନ ଶିଲଂଠାରେ ଏକ ସଭାରେ ସମ୍ବୋଧିତ କରିବା ସମୟରେ ହୃଦ୍‌ଘାତରେ ୮୪ ବର୍ଷ ବୟସରେ ମହାପ୍ରୟାଣ ଲାଭ କଲେ। ତାଙ୍କର ପରଲୋକ ଗମନ ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇଥିଲା। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ୨୦୧୫ ମସିହା ଜୁଲାଇ ୩୧ ତାରିଖ ଶୁକ୍ରବାର ଦିନ ତାଙ୍କର ଶେଷକୃତ୍ୟ ତାଙ୍କ ଜନ୍ମମାଟି ରାମେଶ୍ୱରରେ କରାଯାଇଥିଲା। ଜଣେ ଜ୍ଞାନୀ, ବିବେକୀ, ବିଦ୍ୱାନ, ବିଜ୍ଞାନୀ, ଧାର୍ମିକ ବ୍ୟକ୍ତି ଭାବରେ ବିଶ୍ୱବାସୀଙ୍କର ପ୍ରିୟ ଥିଲେ ଡଃ କଲାମ। ତାଙ୍କର ପ୍ରତିଭା, ଯଶ, କୀର୍ତ୍ତି, ଖ୍ୟାତି, ଦେଶପ୍ରେମ, ସେବା, କର୍ମ ଓ ମାନବୀୟ ଗୁଣ ପାଇଁ ମହାମାନବ ଭାବେ ସେ ଚିରଦିନ ଅମର ହୋଇ ରହିବେ।

# କଂଗ୍ରେସ ପକ୍ଷରୁ ୧୨ ଘଂଟିଆ କୋରାପୁଟ ଜିଲା ବନ୍ଦ ପାଳନ, ସିପିଆଇ ଦେଲା ସମର୍ଥନ

ଜୟପୁର, (ପି.ଏନ):କୋରାପୁଟ ଜିଲାରେ ଆଜି ୧୨ ଘଂଟିଆ ବନ୍ଦ ପାଳନ କରିଛି ଜିଲା କଂଗ୍ରେସ । ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ରାସ୍ତା ଅବରୋଧ କରାଯାଇଛି । ଦୋକାନ, ବଜାର, ଚକ, ଅଖ, ସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ରହିଛି । ଶହ ଶହ ଗାଡି ଅଟକି ରହିଛି । ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ଜିଲା ବନ୍ଦ କରାଯାଇଛି ।କେନ୍ଦ୍ର ଓ ରାଜ୍ୟ ସରକାର କୋରାପୁଟ ଜିଲାକୁ ଅବହେଳା କରୁଥିବା ଅଭିଯୋଗରେ ବନ୍ଦ ପାଳନ କରାଯାଉଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଜୟପୁର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା, କୋରାପୁଟ ଜିଲାର ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଜ ଜିଲାରେ ନିଯୁକ୍ତି ସୁଯୋଗ ଦେବା, କୋରାପୁଟ ଜିଲାର ସିଟି, ବିଇଡି ଏବଂ ଡିଆଇଇଟି ତାଲିମ ପ୍ରାପ୍ତ ଯୁବକ ଯୁବତୀ ମାନଙ୍କୁ ଆଗ୍ରାଧିକାର ଭିତିରେ କୋରାପୁଟ ଜିଲାରେ ଶିକ୍ଷକ/ ଶିକ୍ଷୟତ୍ରୀ ନିଯୁକ୍ତି ଦିଆଯାଉ, କୋରାପୁଟ ଜିଲାରେ ବିଭିନ୍ନ ବିଭାଗରେ ଖାଲି ପଡିଥିବା ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଗୁଡିକରେ ସ୍ଥାନୀୟ ନିଯୁକ୍ତି ଦିଆଯାଉ, ଏହି ଜିଲାର ତାଲିମ ପ୍ରାପ୍ତ ଏଏନଏମ ଏବଂ ବିଏସି ନର୍ସିଙ୍ଗ ପ୍ରାର୍ଥି ମାନଙ୍କୁ ଆଗ୍ରାଧିକାରି ଭିତିରେ ନିଯୁକ୍ତି ଦିଆଯାଉ, କୋରାପୁଟ ଠାରେ ଥିବା ବିଇଡି କଲେଜରେ ଦିର୍ଘ ତିନି ବର୍ଷ ହେଲା ବିଭିନ୍ନ ଅଧାପକ ପଦବୀ ଖାଲି ପଡିଛି ଏବଂ ପିଲାଙ୍କ ପ୍ରବେଶ ବନ୍ଦ ରହିଛି । ଫଳରେ ଜିଲାର ଛାତ୍ର ଛାତ୍ରୀ ମାନେ ତାଲିମ ପାଇଁ ଅନ୍ୟ ରାଜ୍ୟକୁ ଯାଇ ବିଭିନ୍ନ ଠକାମିର ଶୀକାର ହେଉଛନ୍ତି, ତେଣୁ ତୁରନ୍ତ ବନ୍ଦ ହୋଇ ରହିଥିବା ବିଇଡି କଲେଜକୁ ଶହେ ସିଟ ବିଶିଷ୍ଟ କରି ଖୋଲାଯାଉ, ଜୟପୁର ଠାରେ କେନ୍ଦ୍ରୀୟ ଡ୍ରାଇଭିଙ୍ଗ ତାଲିମ ଗବେଷଣା କେନ୍ଦ୍ର ପ୍ରତିଷ୍ଠା, ଜୟପୁର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଆଦି ଦାବି କରାଯାଇ ଜିଲାକୁ ବନ୍ଦ କରାଯାଇଛି । ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଆମ୍ବଗୁଡା, ଗାନ୍ଧି ଛକ ଠାରେ ମଧ୍ୟ ରାସ୍ତା ଅବରୋଧ କରାଯାଇଛି । ଏହି ବନ୍ଦ ପାଳନ ସମୟରେ ଜୟପୁର ଟ୍ରାଫିକ ଛକରେ ବିଧାୟକ ବାହିନିପତିଙ୍କ ସହ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ନିହାର ବିଷୋୟୀ, ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ଜିଲା ମହିଳା ସଭାନେତ୍ରୀ ନଳିନି ରଥ, କାନ୍ତ ପାଢୀ, ଶରତ ଚନ୍ଦ୍ର ବୁରୁଦା ସମେତ ଶତାଧିକ କଂଗ୍ରେସ କର୍ମି ଓ ନେତା ଉପସ୍ଥିତ ଥିଲେ । ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ଜିଲା ବନ୍ଦ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାର କୋରାପୁଟ ଜିଲାକୁ ଅବହେଳା କରୁଥିବା ଅଭିଯୋଗରେ ବନ୍ଦ ପାଳନ କରାଯାଉଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି କହିଛନ୍ତି । ଏହି ବନ୍ଦ ଡାକରାକୁ ସିପିଆଇ କୋରାପୁଟ ଜିଲା ତରଫରୁ ସମର୍ଥନ ଦିଆଯାଇଛି । ଏନେଇ ସିପିଆଇ ତରଫରୁ ଟ୍ରାଫିକ ଛକରେ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କଂଗ୍ରେସର ସମସ୍ତ ଦାବିକୁ ସମର୍ଥନ କରିବା ସହ ମହିଳା କୁସ୍ତି ଖେଳାଳିଙ୍କୁ ନ୍ୟାୟ, କୋଟିଆ ବିବାଦର ସମାଧାନ, କାଗଜ କଳ ସମସ୍ୟାର ସମାଧାନ ଆଦି ଦାବିରେ ସିପିଆଇର ବିକ୍ଷୋଭ କରିଛି । ଦଳିୟ ପତକା ଓ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

# ପ୍ଲାଷ୍ଟିକ୍‌ର ବିଷ ବଳୟରେ ବିଶ୍ୱ: ରାଣୀ ଗୁମ୍ଫାରୁ ଆରମ୍ଭ ହେଲା ସ୍ୱଚ୍ଛ ଭାରତ ଅଭିଯାନ

ଭୁବନେଶ୍ୱର (ପିଏନ୍): ଗାଆଁରୁ ସହର ଯୁଆଡ଼େ ଦେଖିବ କୁଢ କୁଢ ପ୍ଲାଷ୍ଟିକ୍ ଆବର୍ଜନାର ପାହାଡ଼। ପ୍ଲାଷ୍ଟିକ୍‌ର ବ୍ୟବହାର କମାଇବା ପାଇଁ ଏବେ ଦେଶବ୍ୟାପୀ ଆରମ୍ଭ ହୋଇଛି ସ୍ୱଚ୍ଛ ଭାରତ ଅଭିଯାନ। ଏକକ ବ୍ୟବହାର ପ୍ଲାଷ୍ଟିକର ଉତ୍ପାଦନ, ସଂରକ୍ଷଣ, ବିକ୍ରୟ ଏବଂ ବ୍ୟବହାର ଉପରେ ସରକାର ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି। ତଥାପି ପ୍ଲାଷ୍ଟିକ୍‌ର ବ୍ୟବହାର ବହୁ ମାତ୍ରାରେ ବଢିଚାଲିଛି। ଯଦ୍ୱାରା ସ୍ଥଳଭାଗ ହେଉକି ଜଳଭାଗ ହେଉ ସବୁଠି ପ୍ଲାଷ୍ଟିକ୍ ଅଳିଆ। କହିବାକୁ ଗଲେ ପ୍ଲାଷ୍ଟିକର ବିଷବଳୟରେ ସାରା ବିଶ୍ୱ। ଏହାର ଭୟାବହତାକୁ ନେଇ ସାରା ବିଶ୍ୱ ଚିନ୍ତାରେ। ପ୍ଲାଷ୍ଟିକ୍‌ଠାରୁ ଦୂରେଇ ରହି ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ତଥା ସୁସ୍ଥ ବାତାବରଣ ସୃଷ୍ଟି କରିବା ସମଗ୍ର ମଣିଷ ସମାଜ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର, ଖୋର୍ଦ୍ଧା ଐତିହ୍ୟ ସଂପନ୍ନ ଖଣ୍ଡଗିରି ପାହାଡ଼ର ରାଣୀଗୁମ୍ଫାରୁ ଏହି ଅଭିଯାନର ଶୁଭ୍ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଅଭିଯାନକୁ ଆନୁଷ୍ଠାନିକ ରୂପେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ଅରବିନ୍ଦ ଢାଲି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ନେହେରୁ ଯୁବକେନ୍ଦ୍ରର ଉପ-ନିର୍ଦ୍ଦେଶକ ବିମଲ ପାଟ୍ରିକ୍ ଶାହା, ଯୁବ ଅଧିକାରୀ ବିପିନ୍ କୁମାର, ଜାତୀୟ ଯୁବପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଶୀବ ପ୍ରସାଦ ପଟ୍ଟଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଅଭିଯାନରେ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଜାତୀୟ ଯୁବ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ପାହାଡ଼ର ଚତୁଃପାର୍ଶ୍ୱ ଏବଂ ରାସ୍ତା ଉପରେ ପଡ଼ିଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁଗୁଡ଼ିକୁ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସଂଗୃହିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କେନ୍ଦ୍ରର କୁଳମଣି ମଲ୍ଲିକ, ଶୁଭେନ୍ଦ୍ର ନାଥ ସାହୁ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଏହି ଅଭିଯାନ ଅକ୍ଟୋବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ୧୦ଟି ବ୍ଲକରେ ଚାଲୁ ରହିବ ବୋଲି ଜଣାପଡ଼ିଛି।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ମଞ୍ଚସ୍ଥ ନାଟକ ‘ସମ୍ପର୍କର ବୋଝ’

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଯାଜପୁର ଟାଉନସ୍ଥିତ ସଂସ୍କୃତି ଭବନ ପରିସରରେ ଏକ କ୍ଷୁଦ୍ର ନାଟକ ‘ସମ୍ପର୍କର ବୋଝ’ ମଂଚସ୍ଥ ହୋଇଯାଇଛି। ଏହି ନାଟକଟିକୁ ଅନୁଷ୍ଠାନର ନାଟ୍ୟ ନିର୍ଦ୍ଦେଶକ ଅନିଲ କୁମାର ଜେନା ଓ ଏଥିରେ ଅଭିନୟ କରିଛନ୍ତି ବରିଷ୍ଠ ଅଭିନେତା ଉପେନ୍ଦ୍ର ଜେନା, ଅଚ୍ୟୁତ ସ୍ୱାଇଁ, ବିଶ୍ୱଜିତ ମଲ୍ଲିକ, ସବିତା ମିଶ୍ର, ମୋନାଲିସା ଓଝା, ପ୍ରିୟଙ୍କା ସାହୁ, ତପସ୍ୱିନୀ ମଲ୍ଲିକ ପ୍ରମୁଖ ଅଭିନୟ କରିଥିବା ବେଳେ ଅନୁଷ୍ଠାନର ଉପଦେଷ୍ଟା ତଥା ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ସଭାପତି ବୃନ୍ଦାବନ ମିଶ୍ର, ସମ୍ପାଦକ ଅଭିମନ୍ୟୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଯାଜପୁର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ଶତପଥି କଳାକାରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଚୋରି ସ୍କ୍ରାପ୍ ଜବତ, ୭ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ହରିଦାସପୁରସ୍ଥିତ ରାମକୋ ସିମେଣ୍ଟ କାରଖାନାରୁ ହୋଇଥିବା ସ୍କ୍ରାପ୍ ଚୋରି ଘଟଣାରେ ପୁଲିସ୍ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଶ୍ରୀରାମପୁର ଗ୍ରାମର ବିପିନବିହାରୀ ସେଠୀ, ପ୍ରଶାନ୍ତ କୁମାର ସେଠୀ, ଧନେଶ୍ୱର ଦେହୁରୀ, ଭାଗ୍ୟଧର ଦେହୁରୀ, ଜଳଧର ଦେହୁରୀ, ଧନେଶ୍ୱର ମଲିକ ଓ ସ୍କ୍ରାପ୍ କିଣିଥିବା ମୁଣ୍ଡମାଳ ଗ୍ରାମର ଭୀମସେନ ସେଠୀ। ସମସ୍ତଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ରାମକୋ ସିମେଣ୍ଟ କାରଖାନା ପରିସରରୁ ଗତ ୫ ତାରିଖ ରାତିରେ ସ୍କ୍ରାପ୍ ଚୋରି ହୋଇଥିଲା । ଏ ସଂପର୍କରେ ରାମ୍‌କୋ ପକ୍ଷରୁ ଗତ ୬ ତାରିଖରେ ଥାନାରେ ଏତଲା ଦିଆଯାଇଥିଲା। ଅଭିଯୋଗ ପାଇ ପୁଲିସ୍ ୫୪୮/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁଲିସ୍ ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିବା ବେଳେ ଚୋରି ହୋଇଥିବା ସ୍କ୍ରାପ୍ ଜବତ କରିଥିବା ଜଣାପଡ଼ିଛି ।

# ଡାଲତୋଳା ଗଜଲକ୍ଷ୍ମୀ ମହୋତ୍ସବ ଭାଇଚାରା ସମ୍ପର୍କର ଉଜ୍ଜ୍ୱଳ ଦୃଷ୍ଟାନ୍ତ

ଖୋର୍ଦ୍ଧା (ପିଏନ୍): ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଡାଲତୋଳା ଲକ୍ଷ୍ମୀବଜାରଠାରେ ଗତ ୯ ତାରିଖ କୁମାର ପୂର୍ଣ୍ଣମୀଠାରୁ ପନ୍ଦର ତାରିଖ ପର୍ଯ୍ୟନ୍ତ ଗଜଲକ୍ଷ୍ମୀ ମହୋତ୍ସବ ପାଳିତ ହେଉଛି। ଡାଲତୋଳା ବାଣିଜ୍ୟ ବିକାଶ ବଣିକ ସଂଘ ଆହ୍ୱାନକ୍ରମେ ଖୋର୍ଦ୍ଧା ବ୍ଲକ୍‌ର ବଙ୍ଗିଦା, କାଇପଦର ଓ ବେଗୁନିଆ ବ୍ଲକ୍‌ର ଡାଲତୋଳା ଗୋବିନ୍ଦପୁର, କୁଞ୍ଜୁରୀ, ଦେଉଳି, ଦୁର୍ଗାପୁର ପଂଚାୟତର ଜନସାଧାରଣଙ୍କ ସହଯୋଗରେ ଗଜଲକ୍ଷ୍ମୀ ମହୋତ୍ସବ ଆରମ୍ଭ ହୋଇଛି। ଗତ ୯ ତାରିଖ କୁମାର ପୂର୍ଣ୍ଣମୀ ଦିନ କଳସଯାତ୍ରା ଓ ପୂଜାରମ୍ଭ ହୋଇଥଲା। ମହୋତ୍ସବ କମିଟିର ସଭାପତି ରୁସ୍ତମ୍ ଖାଁ, ଶାନ୍ତି କମିଟିର ଅଧ୍ୟକ୍ଷ ପ୍ରମୋଦ କିଶୋର ଛୁଆଳସିଂହ, ଉପଦେଷ୍ଟା ନିରଞ୍ଜନ ସାମନ୍ତସିଂହାର ଓ ସମ୍ପାଦକ ଅଭୟ କୁମାର ସିଂହଙ୍କ ପରିଚାଳନାରେ ପ୍ରତ୍ୟେକ ଦିନ ଭଜନ ସମାରୋହ, କଲିକତା ଡ୍ୟାନ୍ସ ଗ୍ରୁପ, ଲୋଇସିଙ୍ଗାର ସମ୍ବଲପୁରୀ, ପାଇକ ଆଖଡ଼ା, ରାଇରଙ୍ଗପୁର ଆଦିବାସୀ ନୃତ୍ୟ ଆଦି ଅନୁଷ୍ଠିତ ହେଉଛି। ତୃତୀୟ ଦିବସ ସନ୍ଧ୍ୟାରେ ଶିକ୍ଷାବିତ୍ ଅଧ୍ୟକ୍ଷତା କରିଥିବା ବେଳେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟଅତିଥି ରୂପେ ଯୋଗଦେଇ କଳିଙ୍ଗ ନୌବାଣିଜ୍ୟର ଗୌରବମୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସରକାରୀ ସ୍ତରରେ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ସେ ଦାବି କରିଥିଲେ। ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ସମାଜସେବୀ ପ୍ରକାଶ ଚନ୍ଦ୍ର ରଣବିଜୁଳି, କଳିଙ୍ଗ ପାଇକ ସଂଗଠନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଯୋଗଦେଇ ଗଜଲକ୍ଷ୍ମୀ ମହୋତ୍ସବ ପାଇଁ ଖୋର୍ଦ୍ଧା ଓ ବେଗୁନିଆ ବ୍ଲକ୍‌ର ସାତଟି ପଂଚାୟତର ସହଯୋଗ ତଥା ଭାଇଚାରା ସମ୍ପର୍କ ପାଇଁ ସାଧୁବାଦ ଜଣାଇଥିଲେ। ପାଇକ ଆଖଡ଼ାକୁ କ୍ରୀଡ଼ାର ମାନ୍ୟତା ଦେବାପାଇଁ ଦାବି କରିଥିଲେ। ସମ୍ମାନିତ ଅତିଥି ଶିଳ୍ପପତି ରମଜାନ୍ ଖାଁ, ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ଦେଉଳି ସରପଂଚ ଅକ୍ଷୟ କୁମାର ରାଉତରାୟ, ସମାଜସେବୀ ପ୍ରଭାକର ସାହୁ, ଜାଗେଶ୍ୱର ମାଝୀ, ନଁପୁଟର ସମାଜସେବୀ କୃଷ୍ଣପାଣି ପାତ୍ର, ମାନବୀୟ ମୂଲ୍ୟବୋଧ ଓ ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଗଣେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ନିରଞ୍ଜନ ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ। ସଭା ଶେଷରେ ବଲାଙ୍ଗୀର ଲୋଇସିଙ୍ଗାରୁ ଆସିଥିବା ସମ୍ବଲପୁରୀ ଦୁଲଦୁଲି ଓ ପୁରୀ ଡ୍ୟାନ୍ସ ଗ୍ରୁପ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ଫିଂଟୁ ନନ୍ଦଙ୍କ ହାସ୍ୟ ଅଭିନୟ ସମସ୍ତଙ୍କୁ ଛୁଇଁଥିଲା। ବିଭିନ୍ନ ଦିବସରେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ହବିବୁର ରହମାନ୍, ବୋଲଗଡ଼ର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରଘୁନାଥ ଷଡଙ୍ଗୀ, ଦେବରାଜ ପଲାଇ, ଯଦୁପୁର ଦଳବେହେରା ଅବଦୁଲ କଲାମ୍ ଆଜାଦ୍, ଦେଉଳି ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ହଟକିଶୋର ସାହୁ, ଯମେଶ୍ୱର ମଙ୍ଗରାଜ, ରତିକାନ୍ତ କହଲସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

**ପର୍ଯ୍ୟବେକ୍ଷକ**
**ସମ୍ପାଦକୀୟ**

**ଭୁବନେଶ୍ୱର, ୨୦୨୪, ଜୁଲାଇ ୧୩**

# କୋଣାର୍କ ହେଉଛି କଳା ଓ ରୋଗମୁକ୍ତିର ପ୍ରାଣ କେନ୍ଦ୍ର



ଭାଗୀରଥୀ ସ୍ୱାଇଁ

ଉତ୍କୃଷ୍ଟ କଳା ସଂସ୍କୃତି ଐତିହ୍ୟ ସ୍ଥାପତ୍ୟର ପ୍ରତିଛବିର ନିଦର୍ଶନ ହେଉଛି ବିଶ୍ୱର ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର। ଯାହା ସମଗ୍ର ଭାରତ ବର୍ଷରେ ଓଡିଆ ଅସ୍ମିତା ଓ ସଂସ୍କୃତି ମୂର୍ତ୍ତିମନ୍ତ ପ୍ରତୀକ ଭାବରେ ଏକ ଗୌରବମୟ ଇତିହାସ ସୃଷ୍ଟି କରିବା ସହ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚ୍ଚୟ ସୃଷ୍ଟି କରି ପାରିଛି। ଯାହାର ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସଂସ୍କୃତି ଓ କଳାକୃତି ବିଶ୍ୱରେ ଅନନ୍ୟ ଓ ଅଦ୍ୱିତୀୟ ।ଉତ୍କଳୀୟ ଶିଳ୍ପୀ ମାନଙ୍କ ନିହାଣ ମୁନରେ ନିଖୁଣରେ ସୂର୍ଯ୍ୟ ମନ୍ଦିର ଗାତ୍ରରେ ଖୋଦିତ କାରୁକାର୍ଯ୍ୟ ଓ କଳାକୃତି ମାନ ବିଶ୍ୱ ଦରବାରରେ ଓଡ଼ିଆ ଅସ୍ମିତା ଓ ଓଡିଆର ସ୍ୱାଭିମାନର ପ୍ରତୀକ ଭାବରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି। ସୂର୍ଯ୍ୟ ମନ୍ଦିର ଗାତ୍ରରେ ଖୋଦିତ ପ୍ରତିମା ଓ ମୂର୍ତ୍ତି ସମୂହର ଗାଥା ସମଗ୍ର ଉତ୍କୃଷ୍ଟ କଳା ଓ ସଂସ୍କୃତିର ମହନୀୟତା ବାର୍ତ୍ତା ସ୍ୱରୂପ ଭାବେ ସମଗ୍ର ବିଶ୍ୱରେ ଆଦୃତି ଲାଭ କରିଛି। ସୂର୍ଯ୍ୟ ମନ୍ଦିରର ଐତିହ୍ୟ, ପରମ୍ପରା ଓ କଳାକୃତି ସମଗ୍ର ବିଶ୍ୱରେ ଭାଷା ଭଣ୍ଡାରକୁ ସମୃଦ୍ଧ କରିବା ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରିଆସୁଛି। ସ୍ୱର୍ଣ୍ଣାଭ ଇତିହାସର ପ୍ରତିବିମ୍ବ ଭାବେ ବିଶ୍ୱରେ ଓଡ଼ିଆ ଅସ୍ମିତାର ଐତିହ୍ୟ ଓ ପରମ୍ପରା ଉଜ୍ଜୀବିତ ରଖିବା ଦିଗରେ ଏକ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିପାରିଛି। କୋଣାର୍କ କୁ ଐତିହ୍ୟ, ସ୍ଥାପତ୍ୟ କଳାର ଏନ୍ସାଇକ୍ଲୋପିଡିଆ ଭାବରେ ବିବେଚ୍ନା କରାଯାଏ। ସୂର୍ଯ୍ୟ ମନ୍ଦିର ଗାତ୍ରରେ ଖୋଦିତ ପ୍ରତିମା ଓ ମୂର୍ତ୍ତି ସମୂହ ସନ୍ଧ୍ୟାରେ ଜୀବନ୍ତ ହୋଇ ନୃତ୍ୟ ଓ ସଙ୍ଗୀତର ଆସରକୁ ଦ୍ୱିଗୁଣିତ କରିବା ଏକ ମର୍ମସ୍ପର୍ଶୀ ଭାବାବେଗ ଆଧାତ୍ମିକ କଳାକୃତି ଓ ସଂସ୍କୃତିର ପରିଚ୍ୟାୟକ ଭାବେ ବିବେଚ୍ନା କରାଯାଇପାରେ। କୋଣାର୍କ ସୂର୍ଯ୍ୟ ମନ୍ଦିରର ଐତିହ୍ୟ, ସ୍ଥାପତ୍ୟ କଳା ଓ ସଂସ୍କୃତି ବିଶ୍ୱର କୋଣ ଅନୁକୋଣରେ ଭାରତ ବର୍ଷର ମହାନ ଐତିହ୍ୟ ଓ ସଂସ୍କୃତିର ଗାଥାକୁ ପରିସ୍ଫୁଟ କରିବା ଦିଗରେ ଏକ ମାଇଲି ଖୁଣ୍ଟ ସଦୃଶ। ଉତ୍କୃଷ୍ଟ କଳାର ଭୂଷ୍ଣଭୂମି ହେଉଛି ଓଡିଆ ଅସ୍ମିତାର ଜନନୀ ଓଡିଶା। କୋଣାର୍କ ସୂର୍ଯ୍ୟ ମନ୍ଦିର ଗାତ୍ରରେ ଖୋଦିତ ପ୍ରତିମା ଓ ମୂର୍ତ୍ତି ସମୂହକୁ ଅବଲୋକନ କଲେ ଜଣାଯାଏ ଯେ ପ୍ରାଚ୍ୀନ କାଳର ବାରଶହ ବଢେଇ ଓ ଶିଳ୍ପୀ କୂଳର ନିଖୁଣ କଳା ନୈପୁଣ୍ୟ ସମଗ୍ର ବିଶ୍ୱରେ ଅଦ୍ୱିତୀୟ ଓ ଅନନ୍ୟ। ଯାହା ଉତ୍କଳୀୟ ପର୍ବପର୍ବାଣୀ, ସଂସ୍କୃତି ଓ ପରମ୍ପରା, ଓଡ଼ିଆ ଅସ୍ମିତା, କଳାକୃତିର ବିଭିନ୍ନ ଦିଗ ଉପରେ ଉଚ୍ଚ୍କୋଟୀର କଳାକୃତିକୁ ମନ୍ଦିର ଗାତ୍ରରେ ଖୋଦିତ କରିବା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। କୋଣାର୍କ ସୂର୍ଯ୍ୟ ମନ୍ଦିରର ଐତିହ୍ୟ, ସ୍ଥାପତ୍ୟ କଳାକୃତିକୁ ଦେଖିବା ପାଇଁ ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଦେଶବିଦେଶରୁ ବିଶ୍ୱ ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ପରିଭ୍ରମଣରେ ଆସିଥାନ୍ତି ।କୋଣାର୍କ ସୂର୍ଯ୍ୟ ମନ୍ଦିର ପଦ୍ମ କେଶରୀ ଗଣ୍ଡରେ ନିର୍ମାଣ ହୋଇଥିବାର ଐତିହାସିକ ମାନେ ମତବ୍ୟକ୍ତ କରିଛନ୍ତି। ଏହି ପବିତ୍ର ସ୍ଥାନ ସୂର୍ଯ୍ୟ ନାରାୟଣଙ୍କ ଉପାସନାର ଏକ ଦେବ ସ୍ଥାନ କହିଲେ ଅତ୍ୟୁକ୍ତି ହେବନାହିଁ। ଏଠାରେ ଭଗବାନ ଶ୍ରୀକୃଷ୍ଣଙ୍କର ପୁତ୍ର ଶାମ୍ବ କୁଷ୍ଠ ରୋଗରୁ ମୁକ୍ତି ପାଇଁ ବର୍ତ୍ତମାନର ଅବଧୂତ ମଠ ପ୍ରାଚ୍ୀନ ମୈତ୍ରେୟ ବନରେ ଘୋର ତପସ୍ୟା କରି ଭଗବାନ ସୂର୍ଯ୍ୟ ନାରାୟଣଙ୍କୁ ତୃପ୍ତ କରି ରୋଗ ମୁକ୍ତ ହୋଇଥିଲେ ବୋଲି କିମ୍ବଦନ୍ତୀରୁ ଜଣାଯାଏ। ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର। ସକଳ ପ୍ରକାର ରୋଗ ନିରାକରଣର ଦେବତା ହେଉଛନ୍ତି ଭଗବାନ ସୂର୍ଯ୍ୟ ନାରାୟଣ। ଯଥାର୍ଥରେ କୋଣାର୍କ ହେଉଛି କଳା ଓ ସଂସ୍କୃତିର ପୀଠ ଭାବେ ଯେତିକି ସୁଖ୍ୟାତି ଅର୍ଜନ କରିଛି ତା ଠାରୁ ସୂର୍ଯ୍ୟ ଉପାସନା ଓ ସୌର କ୍ଷେତ୍ର ଭାବରେ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। କୋଣାର୍କକୁ ବାସ୍ତବରେ ସଂସ୍କୃତି ଓ କଳାର ପ୍ରାଣକେନ୍ଦ୍ର ଏବଂ ରୋଗ ନିରାକରଣର ପବିତ୍ର ସ୍ଥାନ ଭାବରେ ବିଶ୍ୱରେ ଏକ ପ୍ରମୁଖ ସ୍ଥାନ ବୋଲି ଭାରତବର୍ଷ ଓ ଉତ୍କଳର ମୁନିଋଷି, ସଂସ୍କୃତି ଗବେଷକ ଓ ବିଦ୍ୟୁନ ପଣ୍ଡିତ ମାନେ ମତବ୍ୟକ୍ତ କରିଥାନ୍ତି।

*ବରିଷ୍ଠ ସାମ୍ବାଦିକ ଓ ସଂସ୍କୃତିସଂଗଠକ*
*କୋଣାର୍କ, ପୁରୀ, ଓଡିଶା*

# ସନ୍ଧ୍ୟା ବେଶ ଓ ସନ୍ଧ୍ୟା ଆରାଧନା

## ସର୍ବଦା ପୂଜୟେତ୍ ଦେବଂ ଦିବାନକ୍ତଂ ବିବର୍ଜୟେତ୍......



ବିପିନ ବିହାରୀ ରାଉତ

ପ୍ରତ୍ୟେକ ଦିନ ମହାପ୍ରଭୁ ଭିନ୍ନ ଭିନ୍ନ ବସ୍ତ୍ର ପିନ୍ଧନ୍ତି । ଏସବୁ ରଙ୍ଗ ଅଲଗା ଅଲଗା । ସେମିତି ଠାକୁରଙ୍କ ଠାରେ ହେଉଥିବା ବେଶ ମଧ୍ୟ ବିଭିନ୍ନ ପ୍ରକାରର । ବିଭିନ୍ନ ରୂପରେ ଠାକୁର ଦର୍ଶନ ଦିଅନ୍ତି ଭକ୍ତଙ୍କୁ । ସେମିତି ଏକ ଦୁର୍ଲ୍ଲଭ ବେଶ ହେଲା – ସନ୍ଧ୍ୟାବେଶ । ମହାପ୍ରଭୁ ଗୁଣ୍ଡିଚା ଘରକୁ ଯାଇଥିବା ବେଳେ ମହାବେଦୀରେ ସାତଦିନ ଅବସ୍ଥାନ କରନ୍ତି । ଏହି ଅବସ୍ଥାନ କାଳରେ ପ୍ରତିଟି ସନ୍ଧ୍ୟାରେ ଠାକୁରଙ୍କର ଭିନ୍ନ ଭିନ୍ନ ବେଶ କରାଯାଏ । ସାଧାରଣତଃ ଗୁଣ୍ଡିଚା ମଣ୍ଡପକୁ କୁହାଯାଇଥାଏ ରାସ ମଣ୍ଡଳ । ତେଣୁ ଏଠାରେ ମହାପ୍ରଭୁଙ୍କର ରାସଲୀଳା ହେଉଥିବା କୁହାଯାଏ । ଏହାସହ ତାଙ୍କର ବିଭିନ୍ନ ରସମୟ ବେଶ କରାଯାଇଥାଏ । କୁହାଯାଏ – ନୀଳାଦ୍ରୀରେ ଦଶ ବର୍ଷ ଦର୍ଶନର ଫଳ ଗୁଣ୍ଡିଚା ଘରେ ଗୋଟିଏ ଦିନରେ ମିଳିଥାଏ । ଆଉ ଯଦି ସେଇ ଦିନଟି ନବମୀ ସନ୍ଧ୍ୟା ହୋଇଥାଏ, ତାହେଲେ ଏଥିରୁ ହଜାର ଗୁଣ ପୁଣ୍ୟଅର୍ଜନ କରିହୁଏ । ସନ୍ଧ୍ୟା ସମୟ ଦେବ ଆରାଧନା, ଦେବଦର୍ଶନ ଓ ସାଧନା ପାଇଁ ପ୍ରକୃଷ୍ଟ ସମୟ ବୋଲି ଉଲ୍ଲେଖ ରହି ଶାସ୍ତ୍ରରେ ଲେଖାଯାଇଛି – 'ନ ଦିବା ପୂଜୟେତ୍ ଦେବଂ ନକ୍ତଂ ନୈବ ଚ ନୈବ ଚ, ସର୍ବଦା ପୂଜୟେତ୍ ଦେବଂ ଦିବାନକ୍ତଂ ବିବର୍ଜୟେତ୍।' ରଥଯାତ୍ରାରେ ଆଡ଼ପ ମଣ୍ଡପରେ ଶେଷ ଦର୍ଶନର ସୁଯୋଗ ଏଇ ସନ୍ଧ୍ୟା ଦର୍ଶନ । ସନ୍ଧ୍ୟା ଶବ୍ଦର ଅନ୍ୟ ଏକ ଏବଂ ବାସ୍ତବ ଅର୍ଥ ହେଉଛି ସମ୍ୟକ ଧ୍ୟାନ। ସନ୍ଧ୍ୟାଦର୍ଶନ ହେଉଛି ସମ୍ୟକ ଧ୍ୟାନ ଦ୍ୱାରା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ସେହି ଅନନ୍ତ ଫଳପ୍ରାପ୍ତି ହୁଏ। ଲୋକେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଗଲାବେଳେ ସାଧାରଣତଃ ବହୁ ଆର୍ତ୍ତନେଇ ଯାଇଥାନ୍ତି। କେହି କେହି ଅର୍ଥାର୍ଥୀ ଭାବେ ଶ୍ରୀଜଗନ୍ନାଥଙ୍କୁ ଆରାଧନା କରିଥାନ୍ତି। ମାତ୍ର ଜିଜ୍ଞାସୁ ଏବଂ ଜ୍ଞାନୀମାନଙ୍କର ଭକ୍ତି ବିଶେଷ ଧରଣର। ଶ୍ରୀଭଗବାନ ନିଜେ ଗୀତାରେ କହିଛନ୍ତି 'ତେଷାଂ ଜ୍ଞାନୀ ନିତ୍ୟଯୁକ୍ତଃ ଏକ ଭକ୍ତିର୍ବିଶିଷ୍ୟତେ। ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସଚ ମମ ପ୍ରିୟଃ।' ଏକଥ ମଧ୍ୟ ସତ ଯେ ଆଡ଼ପ ମଣ୍ଡପରେ ଦିବସ ଦର୍ଶନ ତୁଳନାରେ ସନ୍ଧ୍ୟାରେ ଦର୍ଶନ କଲେ ଅନେକ ପୁଣ୍ୟ । ସନ୍ଧ୍ୟା ଦର୍ଶନର ଆଉ ଏକ ମହତ୍ୱ ଶ୍ରୀଜିଉଙ୍କ ଦର୍ଶଗନ, ବ୍ରାହ୍ମଣମାନଙ୍କୁ ମହାପ୍ରସାଦ ଭୋଜନ ଓ ନିଜ ପରିବାର ଜ୍ଞାତି କୁଟୁମ୍ବ ପରିଜନ ଏକାଠି ବସି ଏକପତ୍ରେ ଭୋଜନ ଯେପରି ସୁଖକର, ତଦୂର୍ଦ୍ଧ ପୁଣ୍ୟ ଫଳ ପ୍ରାପ୍ତି ଏବଂ ସପ୍ତପୁରୁଷ ଉଦ୍ଧାର ହେଉଥିବା ପୁରାଣ ଶାସ୍ତ୍ରରେ ବର୍ଣ୍ଣନା ରହିଛି ।

ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଅନ୍ତିମ ଦର୍ଶନ ହେଲା – ନବମୀ ସନ୍ଧ୍ୟାଦର୍ଶନ । ଏହାପରେ ପ୍ରଭୁ ବାହୁଡ଼ା ପାଇଁ ପ୍ରସ୍ତୁତ ହୁଅନ୍ତି । ଠାକୁରଙ୍କ ଠାରେ ବାହୁଟ ଓ ସେନାପଟା ପ୍ରଭୃତି ଲାଗେ । ଦଇତାପତି ଓ ଅନ୍ୟାନ୍ୟ ସେବକମାନେ ତରତର ହୋଇଉଠନ୍ତି । ପ୍ରଭୁଙ୍କ ନୀଳାଚଳ ବିଜେ ପାଇଁ ସବୁ ବନ୍ଦୋବସ୍ତ ସମ୍ପନ୍ନ କରାଯାଏ । ଏହାବ୍ୟତୀତ ମହାପ୍ରଭୁଙ୍କର ଦୈନନ୍ଦିନ ସେବାରେ ମଧ୍ୟ ପ୍ରତ୍ୟେକ ଦିନ ସନ୍ଧ୍ୟାବେଶ କରାଯାଇଥାଏ ।

*ତୁଳସୀପୁର କଟକ*

# ମୋବାଇଲ ବ୍ୟବହାରକାରୀଙ୍କୁ ଲୁଟୁଛନ୍ତି ଘରୋଇ କମ୍ପାନୀ



ଗୋପାଳ ମହାପାତ୍ର

ସଂସଦରେ ଯେତେବେଳେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ତାଙ୍କର ୩ୟ ଥରର କାର୍ଯ୍ୟକାଳରେ ତିନିଗୁଣା ଶକ୍ତିରେ ସରକାର ଚଳାଇବେ ଓ ଜନକଲ୍ୟାଣ ସମ୍ପର୍କୀତ ଅନେକ ପ୍ରତିଶୃତି ଦେଉଥିଲେ ସେହି ସମୟରେ ଦେଶର ଘରେଇ ମୋବାଇଲ ଫୋନ କମ୍ପାନୀମାନେ ଦେଶର କୋଟି କୋଟି ଉପଭୋକ୍ତାଙ୍କ ଉପରେ ଆର୍ଥୀକ ବୋଝ ଲଦିଦେବାପାଇଁ ନିଷ୍ପ ି ନେଇ ସାରିଥିଲେ। ଅର୍ଥାତ୍ ଜିଓ ରିଲାଏନ୍ସ, ଏୟାରଟେଲ ଓ ଭୋଡାଫୋନ ଆଇଡିଆ ଭଳି ୩ କମ୍ପାନୀ ଭାରତ ବର୍ଷର ୧୦୯ କୋଟି ମୋବାଇଲ ଉପଭୋକ୍ତାଙ୍କ ଉପରେ ୩୪୮୨୪ କୋଟି ଟଙ୍କାର ବାର୍ଷିକ ଆର୍ଥୀକ ବୋଝ ଲଦି ଦେଇଛନ୍ତି। ଅର୍ଥାତ୍ ଏହି ତିନି କମ୍ପାନୀ ନିଜର ଗ୍ରାହକ ମାନଙ୍କ ପାଇଁ ମୋବାଇଲ ଶୁଳ୍କ ବଢାଇ ଦେଇଛିଂ ଓ ଏଇ ବର୍ଦ୍ଧିତ ଶୁଳ୍କ ସହ ନୂଆ ପ୍ଲାନ ବଜାରକୁ ଛାଡିଛିଂ। ଏହି ବର୍ଦ୍ଧିତ ଶୁଳ୍କ (ଟାରିଫ) ପରେ ଏବେ ମୋବାଇଲ ବ୍ୟବହାର କରୁଥିବା ଲୋକଙ୍କ ମୋବାଇଲ ରିଚାର୍ଜ ଖର୍ଚ୍ଚ ୧୫ ପ୍ରତିଶତ ବଢିଯାଇଛି। ଦେଶରେ ଏବେ ୧୧୯ କୋଟି ଲୋକ ମୋବାଇଲ ଫୋନ ବ୍ୟବହାରକରୁଛନ୍ତି। ୧୦୯ କୋଟି ଜିଓ ରିଲାଏନ୍ସ, ଏୟାରଟେଲ ଏବଂ ଭୋଡାଫୋନର ମୋବାଇଲ ସିମ୍ ବ୍ୟବହାର କରୁଛନ୍ତି। ବଳକା ୧୦ କୋଟି ବା ତାଠାରୁ କିଛି ଅଧିକ ମୋବାଇଲ ବ୍ୟବହାର କାରୀ ବିଏସ୍ଏନ୍ଏଲ୍ ଓ ଅନ୍ୟ କିଛି କମ୍ପାନୀର ସିମ୍କାର୍ଡ ବ୍ୟବହାର କରିଥାନ୍ତି। ଲୋକସଭା ନିର୍ବାଚନ ସମାପ୍ତ ପରେ ଏନ୍ଡିଏ ସରକାରର ତୃତୀୟ କାର୍ଯ୍ୟକାଳ ଆରମ୍ଭ ହେବାପରେ ଏଇ ତିନି କମ୍ପାନୀ ମାନଙ୍କ ନିଷ୍ପ ି ଏବେ ମୋବାଇଲ ଉପଭୋକ୍ତାଙ୍କ ଭାବିବା ପାଇଁ ବାଧ କରିଛି ଯେ ଟରିଫ ବା ରିଚାର୍ଜର ଶୁଳ୍କ ବଢ଼ାଇବା ପାଇଁ ଏଇ କମ୍ପାନୀମାନେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ କ'ଣ ଅପେକ୍ଷାରେ ଥିଲେ ? ଯଦି ଶୁଳ୍କ ବୃଦ୍ଧି କରିବାର ଥିଲା ତେବେ ନିର୍ବାଚନ ପୂର୍ବରୁ କଲେ ନାହିଁ କାହିଁକି ? କ'ଣ ନିର୍ବାଚନ ପୂର୍ବରୁ ଶୁଳ୍କ ବା ଟାରିଫ ଦର ବଢାଇଥିଲେ ଦେଶର ୧୦୯ କୋଟି ଉପଭୋକ୍ତା ରାଗି ଯାଇଥାନ୍ତେ ବୋଲି ସେମାନେ ଶୁଳ୍କ ବଢାଇ ନଥିଲେ କି ?

ଦେଶରେ ଏବେ ଜିଓ,ଏୟାରଟେଲ ଓ ଭୋଡାଫୋନର ମୋବାଇଲ ସିମ ବ୍ୟବହାର କାରୀଙ୍କ ସଂଖ୍ୟା ଅଧିକ। ଜିଓ ରିଲାଏନ୍ସର ଦେଶରେ ୪୮ କୋଟିରୁ ଅଧିକ ଉପଭୋକ୍ତା ରହିଥିବା ବେଳେ ଏୟାରଟେଲ ପାଖରେ ୩୯କୋଟି ଓ ଭୋଡାଫୋନ ପାଖରେ ୨୨ କୋଟି ୩୭ଲକ୍ଷ ମୋବାଇଲ ଫୋନ ଉପଭୋକ୍ତା ଅଛନ୍ତି। ଏଇ ତିନି କମ୍ପାନୀ କେବଳ ମାତ୍ର ଗୋଟିଏ ଦିନର ଅଂରାଳ ମଧ୍ୟରେ ଟାରିଫ ବା ରିଚାର୍ଜ ଶୁଳ୍କ ବୃଦ୍ଧି କରିଛନ୍ତି। ଜିଓ ରିଲାଏନ୍ସ ଜୁନ ୨୭ ତାରିଖରେ ଶୁଳ୍କ ୧୨ ରୁ ୨୭ ପ୍ରତିଶତ ବଢାଇଥିବା ବେଳେ ଏୟାରଟେଲ ୨୮ ତାରିଖରେ ତାର ଶୁଳ୍କ ୧୧ରୁ ୨୧ ପ୍ରତିଶତ ବଢାଇ ଦେଇଛି। ସେହିପରି ୨୯ ତାରିଖରେ ଭୋଡାଫୋନ ପାଖାପାଖି ୧୬ ପ୍ରତିଶତ ଟାରିଫ ରେଟ ବଢାଇ ଦେଇଛି। ଏ କଥାକୁ ନେଇ ବିରୋଧି ଦଳ ମାନେ କେନ୍ଦ୍ରସରକାରଙ୍କୁ ସମାଲୋଚନା କରୁଛନ୍ତି। ଏକ ପ୍ରମୁଖ ଜାତୀୟ ସ୍ତରର ସମ୍ବାଦପତ୍ରର ରିପୋର୍ଟ ଅନୁସାରେ କେବଳ ମୋବାଇଲ ଫୋନ ଟାରିଫ ବଢିଲେ ଦେଶରେ ମୁଦ୍ରାସ୍ଫିତି ହାର ୦.୦୨ ପ୍ରତିଶତ ବଢିଯିବ। ତେବେ ଏହି ମୁଦ୍ରାସ୍ଫିତି ହାର ବୃଦ୍ଧି ପାଇଁ ଦାୟୀ କିଏ ?

ଇତି ମଧ୍ୟରେ ଦୂରସଂଚାର ମନ୍ତ୍ରାଳୟ ପକ୍ଷରୁ ଏଇ ତିନି ଘରୋଇ କମ୍ପାନୀଙ୍କୁ କ୍ଲିନଚିଟ ଦିଆଯିବା ପାଇଁ ଉଦ୍ୟମ କରାଯାଇଛି ଓ କୁହାଯାଇଛି ଯେ ଟାରିଫ (ମୋବାଇଲ ସିମ୍ ରିଚାର୍ଜ ଦର) ଦର ଡିମାଣ୍ଡ ଆଣ୍ଡ ସପ୍ଲାଇ ଆଧାରରେ ଟେଲିକମ୍ କମ୍ପାନୀ ମାନେ ନିର୍ଦ୍ଧାରିତ କରିଥାନ୍ତି। ଘରୋଇ କମ୍ପାନୀ ମାନେ ଉପଭୋକ୍ତା ମାନଙ୍କ ଉ ମ ସେବା ପ୍ରଦାନ କରିବା ପାଇଁ ଟେକ୍ନୋଲୋଜି (ବୈଶୟିକଜ୍ଞାନକୌଶଳ) ଏବଂ ଇନଫ୍ରାଷ୍ଟ୍ରକଚର (ଭି ିଭୂମି ବିକାଶ) ପାଇଁ ବ୍ୟୟ କରୁଛନ୍ତି ଏବଂ ଏହି ପୁଞ୍ଜିନିବେଶ ଦୃଷ୍ଟିରୁ ଟାରିଫ ଦର ବଢାଇବା ପାଇଁ ନିଷ୍ପ ି ନିଆଯାଇଥାଏ। ଦେଶରେ ଟେଲିକମ ଟାରିଫ ସମ୍ବନ୍ଧୀୟ ନିଷ୍ପ ି ଭାରତୀୟ ଦୂର ସ ାର ନିୟାମକ ପ୍ରାଧିକରଣ (ଟ୍ରାଇ)ର ଗାଇଡ୍‌ଲାଇନକୁ ଧ୍ୟାନ ରଖାଯାଇ କରାଯାଇଥାଏ। ଖବର ଅନୁସାରେ ବିଗତ ଦିନରେ ଏହି ତିନି ଟେଲିକମ କମ୍ପାନୀ ମାନଙ୍କ ଦ୍ୱାରା ଦେଶରେ ଗ୍ରାହକ ମାନଙ୍କୁ ୫ଜି ନେଟୱାର୍କର ସୁବିଧା ଯୋଗାଇ ଦେବାକୁ ବ୍ୟାପକ ପୁଞ୍ଜିନିବେଶ କରାଯାଇଥିଲା। ଏବେ ଗ୍ରାହକ ମାନଙ୍କୁ ୫ଜି ସେବା ପାଇବା ପାଇଁ ୭୧ ପ୍ରତିଶତ ଅଧିକ ଶୁଳ୍କ ଦେବାକୁ ପଡିବ। କିନ୍ତୁ ତଥ୍ୟ ଅନୁସାରେ ଯଦି ୫ଜି ସୁବିଧା ଦେବା ବଦଳରେ ଯଦି ଏହି ତିନି କମ୍ପାନୀ ୧୫ରୁ ୧୭ ପ୍ରତିଶତ ଶୁଳ୍କ ମଧ୍ୟ ବଢାଇବେ ତେବେ ବି ସେମାନେ ନିବେଶ କରିଥିବା ପୁଞ୍ଜି ବା ଅର୍ଥ ଠାରୁ ଅଧିକା ପାଇଯିବେ। କିନ୍ତୁ ପ୍ରଶ୍ନ ହେଉଛି ଉପଭୋକ୍ତାଙ୍କ ସ୍ୱାର୍ଥ କଥା କହୁଥିବା ସରକାର ତିନି ଟେଲିକମ କମ୍ପାନୀ ମାନଙ୍କର ଏଭଳି ନିଷ୍ପ ି ବାବଦରେ ନୀରବ ରହୁଛନ୍ତି କାହିଁକି ? ଦୂରସ ାର ମନ୍ତ୍ରାଳୟ ତିନି ଘରୋଇ କମ୍ପାନୀଙ୍କୁ କ୍ଲିନଚିଟ୍ ଦେଉଛି କାହିଁକି ?

ଜିଓ, ଏୟାରଟେଲ ଓ ଭୋଡାଫୋନର ଟାରିଫ ବୃଦ୍ଧି ପରେ ଏବେ ମୋବାଇଲ ବ୍ୟବହାରକାରୀ ମାନେ ବିଏସ୍ଏନ୍ଏଲ୍ ଆଡକୁ ଢ଼ଳିବା ଆରମ୍ଭ କରିଛନ୍ତି। ବିଏସ୍ଏନ୍ଏଲ୍ ମଧ୍ୟ ତତ୍କାଳ ଏକ ଶସ୍ତା ଟାରିଫ ପ୍ଲାନ ଆଣିଛି ଓ ଏଥି ସହ ବିଏସ୍ଏନ୍ଏଲ୍ ପକ୍ଷରୁ କୁହାଯାଇଛି ଯେ କମ୍ପାନୀ ଦେଶର ବିଭିନ୍ନ ଅ ଳରେ ୧୦ ହଜାର ୪ଜି ଟାୱାର ଲଗାଇଛି। ବିଏସ୍ଏନ୍ଏଲ ର ଏହି ଘୋଷଣା ପରେ ଏବେ ଏହି ସରକାରୀ ସଂସ୍ଥା ଖୁବ୍ ଶୀଘ୍ର ୪ଜି ସେବା ଆରମ୍ଭ କରିବାକୁ ଯାଉଛି ବୋଲି ସମ୍ଭାବନା ସୃଷ୍ଟି ହେଉଛି। ବିଏସ୍ଏନ୍ଏଲ ଗତ ଏପ୍ରିଲ ମାସ ସୁଦ୍ଧା ସାରା ଦେଶରେ ୩୫୦୦ରୁ ଅଧିକ ଟାୱାର ବସାଇଥିଲା ଓ ଜୁଲାଇ ସୁଦ୍ଧା ୧୦ ହଜାର ନିର୍ମାଣ କାର୍ଯ୍ୟ ଶେଷ କରାଯିବ। ବିଏସ୍ଏନ୍ଏଲର ସମସ୍ତ ମୂଳଭୂତ ସୁବିଧା ରହିଛି କିନ୍ତୁଏହାସତ୍ତ୍ୱେ କେବଳ ସରକାରୀ ନିଷ୍କ୍ରିୟତା ଓ ଅବହେଳା କାରଣରୁ ଘରୋଇ କମ୍ପାନୀ ମାନେ ଆଗେଇ ଯାଉଥିବା ବେଳେ ଏହି ସରକାରୀ ନିୟନ୍ତ୍ରଣାଧିନ ସଂସ୍ଥା ପଛରେ ପଡିଯାଇଛି। ଏପରିକି ଘରୋଇ ଟେଲିକମ୍ କମ୍ପାନୀମାନେ ଦେଶର ବିଭିନ୍ନ ସ୍ଥାନରେ ସ୍ଥାପିତ ବିଏସ୍ଏନ୍ଏଲ ଟାୱାରକୁ ବ୍ୟବହାର କରୁଥିଲେ। ଘରୋଇ କମ୍ପାନୀମାନେ ୫ଜି ସେବା ଯୋଗାଇ ଦେଉଥିବା ବେଳେ ବିଏସ୍ଏନ୍ଏଲ ୪ଜିରେ ରହିଯାଇଛି କାହିଁକି ? ଉ ର ହେଉଛି ସରକାର ନିଶ୍ଚୟ ଘରୋଇ କମ୍ପାନୀ ମାନଙ୍କୁ ଅଧିକ ପ୍ରୋତ୍ସାହିତ କରୁଛନ୍ତି।

ସମସ୍ତଙ୍କର ମନେଥିବ ରିଲାଏନ୍ସ କମ୍ପାନୀ ପକ୍ଷରୁ ଯେତେବେଳେ ଜିଓ ଆରମ୍ଭ କରାଗଲା ସେଦିନ କମ୍ପାନୀ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଫଟୋକୁ ଦେଶର ଅନେକ ସମ୍ବାଦପତ୍ରରେ ବିଜ୍ଞାପନ ଆକାରରେ ପ୍ରକାଶ କରାଯାଇଥିଲା। ଏହାକୁ ନେଇ ଅନେକେ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଥିଲେ। ଯାହାବି ହେଉ ତିନି ଘରୋଇ କମ୍ପାନୀ ମାନେ ମନଇଚ୍ଛା ଟାରିଫ ଦର ବଢାଇବା କାରଣରୁ ଏବେ ମୋବାଇଲ ବ୍ୟବହାରକାରୀ ମାନେ ବିଏସ୍ଏନ୍ଏଲ ଆଡକୁ ମୁହାଁଇବା କାରଣରୁ ବିଏସ୍ଏନ୍ଏଲ କମ୍ପାନୀର ଅଚ୍ଛେଦିନ ଆସିବ ବୋଲି ଆଶା କରାଯାଉଛି। ଏଇ ତିନି ଘରୋଇ ଟେଲିକମ ସେବା ଯୋଗାଇଥିବା କମ୍ପାନୀ ମାନେ ଉପଭୋକ୍ତାଙ୍କୁ କେମିତି ଆଉ ନଠକିବେ ଓ ଏମାନଙ୍କ ଦ୍ୱାରା ହେବାକୁଥିବା ମୁଦ୍ରାସ୍ଫିତକୁ ରୋକିବା ଦିଗରେ ସରକାର ପଦକ୍ଷେପ ନେବା ଆବଶ୍ୟକ। ଫଳରେ ଏମାନେ ନିୟନ୍ତ୍ରିତ ହୋଇ ପାରିବେ। ଏହି ଘରୋଇ ଟେଲିକମ କମ୍ପାନୀ ମାନଙ୍କୁ ସରକାର ନିୟନ୍ତ୍ରିତ କରିବେ ନା ଲୋକଙ୍କ ପକେଟକୁ ଲୁଟ କରିବା ପାଇଁ ସୁଯୋଗ ଦେବେ ସେକଥା ସମୟ କହିବ।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ଶ୍ରୀ ଜଗନ୍ନାଥ ସଂସ୍କୃତିରେ ବୈଜ୍ଞାନିକ ତତ୍ତ୍ୱ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ରଥଯାତ୍ରା ହେଉଛି ପରମବ୍ରହ୍ମଙ୍କର ପାବନୀଯାତ୍ରା। ଭାଗବତ ସଂହତି, ଧର୍ମଗତ ସହିଷ୍ଣୁତା ଓ ଜାତିଗତ ଐକ୍ୟ ପ୍ରତିଷ୍ଠା ହିଁ ଏହାର ପ୍ରଧାନ ଲକ୍ଷ୍ୟ। ରଥାରୂଢ଼ ଦାରୁଦେବତା ଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆଙ୍କ ଅପରାଜେୟ ଆତ୍ମା। ପ୍ରତି ଓଡ଼ିଆ ପ୍ରାଣରେ ଶ୍ରୀଜଗନ୍ନାଥ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ଓଡ଼ିଆ ଜାତିର ଅତି ଅନ୍ତରଙ୍ଗ ଆତ୍ମୀୟ ଶ୍ରୀଜଗନ୍ନାଥ। ଅତଏବ ଏ ରଥଯାତ୍ରା ଏକ ସାଂସ୍କୃତିକ ଜାତୀୟ ଜିଜ୍ଞାସା। ପିଣ୍ଡ ମଧ୍ୟରେ ବ୍ରହ୍ମାଣ୍ଡର ସ୍ଥିତି, ଶରୀର ଭିତରେ ଆତ୍ମ ବ୍ରହ୍ମଲୀଳା, ଦୃଷ୍ଟି ଭିତରେ ଦୃଶ୍ୟାତୀତ ଭାବସତ୍ତା, ଚଳମାନତା ଭିତରେ ଅବିଚଳିତ ଚେତନାର ପରିପ୍ରକାଶ ତଥା ବିଶ୍ୱାସ ଓ ମୂଲ୍ୟବୋଧର ପ୍ରତୀକ ଏ ରଥଯାତ୍ରା। ରଥଯାତ୍ରା ହେଉଛି ଦିବ୍ୟଭାବର ପ୍ରୀତି ଓ ମଧୁରତମ ଲୀଳା। ତେଣୁ ଶ୍ରୀଜଗନ୍ନାଥଙ୍କ ନୀତି ଓ ଚେତନା ରହସ୍ୟମୟ- ଚଳଣି ମାନବୋଚିତ ଏବଂ ତାଙ୍କ ଯାତ୍ରା ଓ ପର୍ବପର୍ବାଣୀ ପୁଣ୍ୟ ଓ ଆଦର୍ଶମୟ।

ଓଡ଼ିଆର ପ୍ରାଣକେନ୍ଦ୍ର ପ୍ରଭୁ ଜଗନ୍ନାଥ । ମହାପ୍ରଭୁଙ୍କୁ ବାଦ୍‌ଦେଲେ ଓଡ଼ିଆ ଜାତିର ସ୍ଥିତି, ସଂସ୍କୃତି ସବୁ ଶୂନ୍ୟ ହୋଇଯିବ । ଶ୍ରୀକ୍ଷେତ୍ରଧାମ ଦେଶର ଚାରିଧାମ – ବଦ୍ରିନାଥ, ଦ୍ୱାରକାନାଥ ଏବଂ ରାମନାଥଙ୍କ ମଧ୍ୟରୁ ଅନ୍ୟତମ ତଥା ଗୁରୁତ୍ୱପୂର୍ଣ୍ଣ । ଯେତେ ତୀର୍ଥ ବୁଲି ଆସିଲେ ବି ଶେଷ ଜଗନ୍ନାଥ ଧାମରେ ହୋଇଥାଏ । ଭକ୍ତମାନେ ପ୍ରଭୁ ଜଗନ୍ନାଥଙ୍କ ପାଖକୁ ଆସିଥାନ୍ତି ସେମାନଙ୍କର ସମସ୍ତ ଦୁଃଖ ଯନ୍ତ୍ରଣା ଲାଘବ କରି ମାନସିକ ଶାନ୍ତି ପାଇବା ପାଇଁ । ଶ୍ରୀଜଗନ୍ନାଥ କେବଳ ସଂସ୍କୃତି କି ପରମ୍ପରାର ଧାରକ ନୁହନ୍ତି । ପ୍ରଭୁଙ୍କର ଦୈନନ୍ଦିନ ରୀତିନୀତି ସହିତ ଅନେକ ବୈଜ୍ଞାନିକ ତତ୍ତ୍ୱ ଜଡ଼ିତ । ଶ୍ରୀଜଗନ୍ନାଥ ସଂସ୍କୃତିର ସମସ୍ତ ନୀତିକାନ୍ତ ଏବଂ ବାର୍ଷିକ ପର୍ବୋତ୍ସବ ମଣିଷର ମାନସିକ ସ୍ଥିତିକୁ ବେଶ୍ ପ୍ରଭାବିତ କରିଥାଏ ।

ପରମ୍ପରା ଅନୁଯାୟୀ ବିଶ୍ୱାସ କରାଯାଏ, ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ଯିବାବେଳେ କିମ୍ବା ଯେ କୌଣସି ଭଗବାନଙ୍କ ମନ୍ଦିର ଯିବାବେଳେ କିଛି ନଖାଇ ଖାଲି ପେଟରେ ଯିବା ଉଚିତ । ନଚେତ୍ ମଣିଷ ବହୁ ପାପ ଅର୍ଜନ କରେ । ତେବେ ଏହା ପରମ୍ପରା ଯୋଗୁଁ କୁହାଯାଉଥିଲେ ବି ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହାର ଅନେକ ସୁଫଳ ରହିଛି । ଦୈନନ୍ଦିନ ଯଦି ମହାଦେବଙ୍କୁ ଦର୍ଶନ କରି ଖାଲି ପେଟରେ ତାଙ୍କ ପ୍ରସାନ ବେଲପତ୍ର ଖିଆଯାଏ ତେବେ ତାହା ହୃଦ୍‌ରୋଗ ଏବଂ କୋଷ୍ଠକାଠିନ୍ୟରୁ ମୁକ୍ତି ଦେବ । ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ଖାଲି ପେଟରେ ତାଙ୍କର ପ୍ରସାଦ ତୁଳସୀ ସେବନକଲେ ଥଣ୍ଡା ଭଲ ହୋଇଯିବ, ଥାଇରଏଡ଼ ସମସ୍ୟା ଦୂର ହେବ ଏବଂ ଥଣ୍ଡା ଛିଙ୍କ ସୁଦ୍ଧା ବନ୍ଦ ହୋଇଯିବ । ଏହା ସହିତ ସମସ୍ତ ପେଟରୋଗ ବି ଭଲ ହୋଇଯାଏ । ପ୍ରଭୁ ଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ମା' ସୁଭଦ୍ରାଙ୍କୁ ବିଷ୍ଣୁ, ଶିବ ଏବଂ ବ୍ରହ୍ମା ଓ ଶକ୍ତି ଭାବରେ ଗଣନା କରାଯାଏ । ମା'ସୁଭଦ୍ରାଙ୍କୁ ମଧ୍ୟ କୁହାଯାଏ ଯୋଗମାୟା ।

ଭୋଗମଣ୍ଡପ ଏବଂ ନାଟମଣ୍ଡପର କଳା ଓ କାରୁକାର୍ଯ୍ୟ ଭକ୍ତର ମସ୍ତିଷ୍କରେ ମନସ୍ତାତ୍ତ୍ୱିକ ଏବଂ ଧାର୍ମିକ ଭାବନା ଆଣିଦେଇଥାଏ ଯାହାଦ୍ୱାରା ମଣିଷ ମୁଣ୍ଡରେ ଥିବା ମାନସିକ ଚିନ୍ତା ବାହାରିଯାଇ ଧାର୍ମିକ ସଚେତନତା ସୃଷ୍ଟି ହୁଏ ।

ରଥଯାତ୍ରା ନିମନ୍ତେ ବଡ଼ଦାଣ୍ଡରେ ବିରାଜମାନ ରଥ ହିଁ ପରମ ପୁରୁଷ। ମଣିଷର ବିଭିନ୍ନ ଅଙ୍ଗଭଳି ରଥର ମଧ୍ୟ ବିଭିନ୍ନ ଅଙ୍ଗ ରହିଛି। ଚକ୍ରପୀଠ, ଅରଦଣ୍ଡା, ଗଗିରା, ମୁଳମାବ, ବରାଣ୍ଡି, ହଂସପଟା, ରଥଗର୍ଭ, ପାରାଭାଡ଼ି, ପାଟଳ, କଳସପୀଠ, ଦଧିନଉତି, କର୍ଣ୍ଣପଟଳ, ଧାତୁକଳସ ଓ ଆୟୁଧ ପୂଜା ଆଦି ତେରଗୋଟି ଅଂଶ ରଥର ଥାଏ। ମାନବଶରୀରର ଯେଭଳି କ୍ଷିତ୍, ଆପ୍, ତେଜ, ମରତ, ବ୍ୟୋମ ଆଦି ପଞ୍ଚମହାଭୂତରେ ଗଠିତ, ସେହିଭଳି କାଠ, ରଙ୍ଗ, କନା, ଜୁମ୍ବରା ଓ ଧାତୁ (ଲୁହା, ତମ୍ବା, ପିତ୍ତଳ) ଆଦି ପଞ୍ଚମହାଭୂତରେ ମହାପ୍ରଭୁଙ୍କ ତିନିରଥ ନିର୍ମିତ। ମାନବ ଶରୀରର ଅଙ୍ଗପ୍ରତ୍ୟଙ୍ଗ ପରି ରଥର ମଧ୍ୟ ଅର୍ଦ୍ଧଭୂମି, ପୂଜାପୀଠ, ସିଂହାସନ, ଚକା, ହଂସପଟି, ଚକ୍ରଛଳ, କାଠିଖମ୍ବ, ଗଗିରାପୀଠ, ବରାଣ୍ଡୀ, ବାଡ଼ଚକ, ନେତ (ବାନା) ଓ ଶୂନ୍ୟଚକ୍ର ସହ ଜ୍ଞାନେନ୍ଦ୍ରିୟ ମଧ୍ୟ ରହିଛି। ରଥର ଜ୍ଞାନେନ୍ଦ୍ରିୟ ହେଲେ ଘୋଡ଼ା, ରଜ୍ଜୁ, ସାରଥି, ରଥପାଳ ଓ ଦ୍ୱାରପାଳ ଆଦି।

ଶ୍ରୀଜଗନ୍ନାଥଙ୍କର ଆୟୁଧ ହେଉଛି ଶଙ୍ଖ ଏବଂ ଚକ୍ର । ଶଙ୍ଖ ଶବ୍ଦର ପ୍ରତୀକ ଏବଂ ଚକ୍ର ହେଉଛି ଚକର ପ୍ରତୀକ । ଉଭୟ ଶବ୍ଦ ଏବଂ ଚକ୍ର ହେଉଛନ୍ତି ଦୁଇଟି ଶିଳ୍ପଭିତ୍ତିକ ଚରିତ୍ର । ତେଣୁ ଶ୍ରୀଜଗନ୍ନାଥଙ୍କୁ ଶିଳ୍ପ ଦେବତା ବୋଲି କୁହାଯାଇପାରିବ । ଶ୍ରୀବଳଭଦ୍ର ହଳ ଏବଂ ମୂଷଳ ଧାରଣ କରିଛନ୍ତି ଯାହା କୃଷିର ପ୍ରତୀକ । ତେଣୁ ବଳଭଦ୍ରଙ୍କୁ କୁହାଯାଏ କୃଷି ଏବଂ ଶିଳ୍ପ ଦେବତା । ମା'ସୁଭଦ୍ରାଙ୍କୁ ବ୍ରହ୍ମା ବିବେଚନା କରାଯାଏ ଏବଂ ସେ ହେଉଛନ୍ତି ଜ୍ଞାନର ଦେବୀ । ଶ୍ରୀସୁଦର୍ଶନ ହେଉଛନ୍ତି ସ୍ୱଷ୍ଟ ଦୃଷ୍ଟିର ଦେବତା । ଭକ୍ତଗଣ ପ୍ରଭୁ ସୁଦର୍ଶନଙ୍କର ଦର୍ଶନ କରିବାପରେ ମୋକ୍ଷ ପ୍ରାପ୍ତି ହୁଏନ୍ତି । ପ୍ରଭୁଙ୍କର ଗାଧୁଆପାଣି ଅର୍ଥାତ୍ ପାଦୁକା ଓ ଅବକାଶ ଜଳକୁ ଯିଏ ପ୍ରତିଦିନ ସେବନ କରନ୍ତି ତାଙ୍କର କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି । ମନ୍ଦିର ଉପରେ ରହିଥିବା ନୀଳଚକ୍ର ପ୍ରସ୍ତୁତ ହୋଇଛନ୍ତି ଅଷ୍ଟଧାତୁରେ ଏବଂ ଭୂମିରୁ ଏଥିରେ ସଂଯୁକ୍ତ କରାଯାଇଛି ଗୋଟେ ବଡ଼ କପର ପ୍ଲେଟ । ବୈଜ୍ଞାନିକ ତତ୍ତ୍ୱ ଅନୁଯାୟୀ ଏହା ମନ୍ଦିରକୁ ବଜ୍ରଘାତରୁ ରକ୍ଷା କରିଥାଏ । ଆୟୁର୍ବେଦ ବିଜ୍ଞାନ ଅନୁଯାୟୀ, ଗରୁଡ଼ ସ୍ତମ୍ଭ ପ୍ରସ୍ତୁତ ହୋଇଛି ଏକ ବୃକ୍ଷର ଚେରରେ । ଏହାକୁ ରସାୟନିକ ଦ୍ରବଣରେ ଘୋଡ଼ାଇ ରଖାଯାଇଛି। ଯେତେବେଳେ ଭକ୍ତ ଗରୁଡ଼ ସ୍ତମ୍ଭରେ ଛାତି ଏବଂ ମୁଣ୍ଡ ଲଗାଇଦିଅନ୍ତି ସେତେବେଳେ ଖୁବ୍ ଆରାମ ଅନୁଭବ କରନ୍ତି ସେ । ତାର ଛାତି ରୋଗ ଏକଦମ୍ ଭଲ ହୋଇଯାଏ । ଗରୁଡ଼ ସ୍ତମ୍ଭର ଗାଧୁଆ ପାଣି ଭକ୍ତର ସମସ୍ତ ପ୍ରକାର ଜ୍ୱର ନିଶ୍ଚିତ ରୂପେ ଭଲ କରିଦିଏ । ଏହା ମଧ୍ୟ ବଦହଜମି ତଥା ଡିସ୍‌ପେପ୍‌ସିଆ ରୋଗର ନିରାକରଣ କରିଥାଏ । ଏଥିରୁ ସ୍ୱଷ୍ଟ ପ୍ରମାଣିତ ହେଉଛି ଯେ, ଜଗନ୍ନାଥ ମନ୍ଦିରର ପୂଜାବିଧି ପରମ୍ପରା, ସଂସ୍କୃତି ଓ ପରିବେଶ ବିଜ୍ଞାନ ସମ୍ବନ୍ଧୀୟ ପୃଷ୍ଠଭୂମି ଆଧାରିତ ।

*ସହପ୍ରତିରତ୍ତ୍ୱିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ବିଶ୍ୱ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ଆହ୍ୱାନ

**ମୌଲାନା ଫଜଲ ହକ ଖାନ୍**

ଆଜି ଦୁନିଆର ବିଭିନ୍ନ ପ୍ରାନ୍ତରେ ଅନେକ ମେଳା ମହୋତ୍ସବ ଓ ସମାରୋହ ଆୟୋଜିତ ହେଉଛି । ଯେଉଁଥିରେ ଅନେକ ନେତା ବକ୍ତା ଓ ଶ୍ରୋତା ଉପସ୍ଥିତ ହେଉଛନ୍ତି । କେତେକ ସ୍ଥାନରେ ଏହା କେବଳ ଉଗ୍ର ଜାତିଆଣ ମନୋଭାବକୁ ଉଜାଗର କରିବାର ମାଧ୍ୟମ ହେଉଛି ତ ଅନ୍ୟ କେଉଁଠି ଏହାଦ୍ୱାରା କେତେକ ବ୍ୟକ୍ତି ବିଶେଷ ଅଜ୍ଞ ଜନତାଙ୍କୁ ପ୍ରତାରଣା ପୂର୍ଣ୍ଣ ଆଶ୍ୱାସନା ଦେଇ ରାଜ ନୈତିକ ଫାଇଦା ହାସଲ କରିବାରେ ସମର୍ଥ ହେଉଛନ୍ତି ଏବଂ କେତେକ ସ୍ଥାନରେ ଏହାର ଆୟୋଜନ ସରକାର ତଥା ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ ସୃଷ୍ଟି କରିବାର କାରଣ ହୋଇଥାଏ । କିନ୍ତୁ ଅହମଦୀୟା ସମ୍ପ୍ରଦାୟର ବାର୍ଷିକ ସମ୍ମିଳନୀରେ କୌଣସି ରାଜନୈତିକ ଆଳାପ ହୁଏ ନାହିଁ କିମ୍ବା କୌଣସି ବିଦ୍ରୋହାତ୍ମକ ମତ ପୋଷଣ କରାଯାଏ ନାହିଁ । ଅନେକ ହିନ୍ଦୁ, ମୁସଲମାନ, ଶିଖ ତଥା ଖ୍ରୀଷ୍ଟ ଧର୍ମାବଲମ୍ବୀ ଏଥିରେ ଯୋଗଦେଇ ଧର୍ମ ଚର୍ଚ୍ଚା ଶୁଣିଥାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବିଦ୍ୱାନ ନିଜର ବକ୍ତବ୍ୟ ମଧ୍ୟ ପ୍ରଦାନ କରନ୍ତି । ଯଦ୍ଦ୍ୱାରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା ନିମନ୍ତେ ଏହା ପ୍ରାଣେ ପ୍ରାଣେ ଉତ୍ସାହଭରି ଦେଉଥାଏ । ଉକ୍ତ ସର୍ବଧର୍ମ ସମ୍ମିଳନୀ ଦ୍ୱାରା ଭ୍ରାତୃଭାବର ମନୋରମ ପରିବେଶ ସୃଷ୍ଟି ହୋଇଥାଏ ଏବଂ ବିଶ୍ୱଶାନ୍ତି ସ୍ଥାପନା ସହିତ ଧର୍ମ ଓ ମାନବିକତାକୁ ମିଶ୍ରିତ କରାଇ ଏକ ନୂତନ ମୁକ୍ତିପଥ ପ୍ରଦର୍ଶିତ କରାଯାଇଥାଏ । ଅହମଦୀୟା ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ୍ (୧୮୩୫-୧୯୦୮)ପ୍ରତ୍ୟେକ ଧର୍ମଗ୍ରନ୍ଥ ମଧ୍ୟରେ ବର୍ଣ୍ଣିତ ଭବିଷ୍ୟବାଣୀ ଅନୁଯାୟୀ ଏ ଯୁଗରେ ସ୍ୱୟଂକୁ ହିନ୍ଦୁ ଭ୍ରାତାଙ୍କ ନିମନ୍ତେ କଳ୍କୀ ଅବତାର, ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ମସିହ ତଥା ମୁସଲମାନମାନଙ୍କ ପାଇଁ ଇମାମ ମେହେଦୀ ହେବାର ଦାବୀ କରିଛନ୍ତି । ସେହି ମହାନ ମହାପୁରୁଷଙ୍କ ଦ୍ୱାରା ହିଁ ଆଜି ବିଶ୍ୱ ଶାନ୍ତି ସମ୍ଭବ । ତେଣୁ ତାହାଙ୍କ ଶରଣ ବିନା ଦୁନିଆରୁ ଅଶାନ୍ତି ଓ ଅରାଜକତା ଲୁପ୍ତ ହେବା ଅସମ୍ଭବ । ସେ ହେଉଛନ୍ତି ଏ ଯୁଗରେ ଶାନ୍ତି,ମୈତ୍ରୀ ଓ ପ୍ରିତିର ଅବତାର । ପରସ୍ପରର ଧର୍ମ ବିବାଦକୁ ପ୍ରତ୍ୟାହାର କରି ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ସେ ଅନେକ ସୁନ୍ଦର ସିଦ୍ଧାନ୍ତ ବିଶ୍ୱବାସୀଙ୍କୁ ପ୍ରଦାନ କରିଛନ୍ତି ।

ସେ କୁହନ୍ତି; "ଏହା ଅତ୍ୟନ୍ତ ସୁନ୍ଦର, ଶାନ୍ତିପ୍ରଦ ଓ ପାରସ୍ପରିକ ସଦ୍‌ଭାବର ଭିତି ସ୍ଥାପନକାରୀ ତଥା ନୈତିକ ଚିନ୍ତା ଧାରର ସମର୍ଥନକାରୀ ସିଦ୍ଧାନ୍ତ ଯେ ଆମେ ଉକ୍ତ ସମସ୍ତ ଅବତାରଙ୍କୁ ଯେଉଁମାନେ ଏହି ସଂସାର ଭିତରେ ଆବିର୍ଭୁତ ହୋଇଛନ୍ତି, ସେ ଭାରତ ବର୍ଷରେ ପ୍ରକଟ ହୋଇଥାନ୍ତୁ ବା ପାରସ୍ୟ ଅଥବା ଚୀନ କିମ୍ବା ଅନ୍ୟ କୌଣସି ଦେଶ ମଧ୍ୟରେ ଆବିର୍ଭାବ ହୋଇଥାନ୍ତି ଏବଂ ଅଲ୍ଲାଃତାଲା ତାହାଙ୍କ ସମ୍ମାନ ଓ ତାଙ୍କ ପ୍ରବର୍ତ୍ତିତ ଧର୍ମର ଶ୍ରଦ୍ଧା କୋଟି କୋଟି ହୃଦୟରେ ପ୍ରତିଷ୍ଠା କରି ଦେଇଥାନ୍ତି, ତଥା ଶତାଧିକ ବର୍ଷ ପର୍ଯ୍ୟନ୍ତ ଉକ୍ତ ଧର୍ମ ଦୁନିଆରେ ପ୍ରଚଳିତ ହୋଇଥାଉ । ସେମାନଙ୍କ ସତ୍ୟତା ସ୍ୱୀକାର କରିନେବା ହିଁ ଉକ୍ତ ସିଦ୍ଧାନ୍ତ, ଯାହା ଆମକୁ ପବିତ୍ର କରୁଆନ ଶିକ୍ଷା ଦେଉଛି । ତଦ୍‌ନୁଯାୟୀ ଆମେ ପ୍ରତ୍ୟେକ ଧର୍ମ ପ୍ରବର୍ତ୍ତକ ଯାହାଙ୍କ ଜୀବନ ଚରିତ୍ର ଉକ୍ତ ପରିଭାଷା ଅନ୍ତର୍ଗତ ହୋଇଥାଏ । ସେ ହିନ୍ଦୁ ଧର୍ମଗୁରୁ ହୋଇଥାନ୍ତୁ ବା ପାର୍ସି, ଚୀନି ଅଥବା ୟହୁଦୀ ଅବା ଖ୍ରୀଷ୍ଟ ଧର୍ମ ପ୍ରବର୍ତ୍ତକ ହୋଇଥାନ୍ତୁ, ସମସ୍ତଙ୍କୁ ଭକ୍ତିପୁତ ଶ୍ରଦ୍ଧା ଓ ଗମ୍ଭୀର ସମ୍ମାନ ଜଣାଇ ଥାଉଁ ।" ଯଦି ଅହମଦଙ୍କ ଉପର ସିଦ୍ଧାନ୍ତ ସମଗ୍ର ଭାରତବାସୀ ତଥା ସାରା ବିଶ୍ୱବାସୀ ନିଜ ସିଦ୍ଧାନ୍ତ ରୂପେ ଗ୍ରହଣ କରିନିଅନ୍ତି, ତେବେ ଆଜିର ଅଶାନ୍ତ ମାନବ ଶାନ୍ତି, ମୈତ୍ରୀ ପୂର୍ଣ୍ଣ ଏକ ନୂଆ ସଂସାର ଗଢ଼ି ତୋଳନ୍ତା । ଅତଏବ ଉକ୍ତ ମହାପୁରୁଷଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇ ଥିବା ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ପ୍ରତ୍ୟେକ ଭାରତୀୟ ଯୋଗ ଦେଇ ପୁନରାୟ ଏକ ନୂତନ ଶାନ୍ତିମୟ ଭାରତ ବର୍ଷ ଗଢ଼ିବା ଆବଶ୍ୟକ । ଚଳିତ ବର୍ଷ ୫୭ତମ ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀ,କେରଙ୍ଗ ଜୁଲାଇ୧୩ ଓ ୧୪ ତାରିଖ (ଶନିବାର ଓ ରବିବାର ) କେରଙ୍ଗ ଇଦ୍ ଗାହ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଅଛି। ଉକ୍ତ ସମ୍ମିଳନୀରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ମୌଲାନା,ଧର୍ମବିତ,ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଂଶ ଗ୍ରହଣ କରି ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ଅସ୍ତିତ୍ୱ,ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ,ବିଶ୍ୱରେ ସ୍ଥାୟୀ ଶାନ୍ତି, ଭ୍ରାତୃଭାବ ପ୍ରତିଷ୍ଠା ପାଇଁ ଧର୍ମର ଭୂମିକା,ଇସଲାମ ଏକ ଶାନ୍ତିପୂର୍ଣ୍ଣ ଧର୍ମ, ଜେହାଦର ବାସ୍ତବିକତା,ନାରୀର ସୁରକ୍ଷା ଓ ସମ୍ମାନ,ବୈବାହିକ ଜୀବନରେ ଟ୍ରିପଲ ତଲାକର ବାସ୍ତବିକତା,ଇସଲାମିକ ପରଦା,ସମାଜ ସୁଧାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟ ବିଶ୍ୱକୁ କ'ଣ ଦେଲା ? ସମ୍ପର୍କରେ ତାତ୍ତ୍ୱିକ ଉଦ୍‌ବୋଧନ ଦେବେ । ଏହି ସମ୍ମିଳନୀରେ ଯୋଗ ଦେଉଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ନିମନ୍ତେ ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ: ପ୍ରାର୍ଥନା କରି କୁହନ୍ତି; "ସର୍ବଶେଷରେ ମୁଁ ଦୁଆ କରୁଛି ଯେ ପ୍ରତ୍ୟେକ ବ୍ୟକ୍ତି ଯେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ପାଳିତ ଏହି ସମ୍ମିଳନୀ ନିମନ୍ତେ ଯାତ୍ରା କରନ୍ତି, ଅଲ୍ଲାଃ ସେମାନଙ୍କ ସହାୟ ହୁଅନ୍ତୁ ଏବଂ ସେମାନଙ୍କୁ ଅତୁଳନୀୟ ବଦଳା ଦିଅନ୍ତୁ ଓ ସେମାନଙ୍କ ଉପରେ ନିଜର ଅନୁକମ୍ପା ବୃଷ୍ଟି କରନ୍ତୁ ଏବଂ ସେମାନଙ୍କ ସମସ୍ତ ମନସ୍କାମନା ପୂର୍ଣ୍ଣ କରନ୍ତୁ । ଅଲ୍ଲାଃ ଏହି ଯାତ୍ରାର ସମାପ୍ତି ପର୍ଯ୍ୟନ୍ତ ସେମାନଙ୍କର ଯତ୍ନବାନ ହୁଅନ୍ତୁ ।"

*ମଙ୍ଗଳାବାଗ-କଟକ-ମୋ:୯୬୯୨୨୨୫୦୫୭*

# ନୀଳାଦ୍ରି ବିଜେରେ ମହାଲକ୍ଷ୍ମୀ, ରସଗୋଲା ଭୋଗ ଓ ଭେଟ ମଣ୍ଡପ



ଯଶସ୍ୱିନୀ ପଟ୍ଟନାୟକ

ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ନୀଳାଦ୍ରି ବିଜେ ନୀତି ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥାଏ। ସନ୍ଧ୍ୟାଧୂପ ସରିବା ପରେ ବିଜେ କାହାଳୀ ବାଜି ପହଣ୍ଡି ଆରମ୍ଭ ହୁଏ। ସିଂହଦ୍ୱାର ପାର୍ଶ୍ୱରେ ଥିବା ଭେଟ ମଣ୍ଡପକୁ ମା'ଲକ୍ଷ୍ମୀ ଠାକୁରାଣୀ ବିଜେ କରନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁ ରଥ ସିଂହାସନରୁ ଓହ୍ଲାଇ ରଥ ଗୁମୁଟରୁ ବାହାରିଲା ବେଳକୁ ଭେଟ ମଣ୍ଡପରେ ମା'ବିରାଜମାନ କରିଥାନ୍ତି। ରଥ ଉପରେ ମହାପ୍ରଭୁଙ୍କୁ ଓ ଭେଟ ମଣ୍ଡପରେ ମା'ଲକ୍ଷ୍ମୀ ଠାକୁରାଣୀଙ୍କୁ ଏକା ସମୟରେ ବନ୍ଦାପନା କରାଯାଇ ଉଭୟଙ୍କୁ ଆଳତୀ କରାଯାଇଥାଏ। ଏହି ଦିନ ନାଟ ମଣ୍ଡପରେ ବିଭୀଷଣଙ୍କୁ ବନ୍ଦାପନ ମଧ୍ୟ କରାଯାଏ । ନୀଳାଦ୍ରି ବିଜେରେ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ଦେବ ଦମ୍ପତିଙ୍କର ଏହି ମାନବୀୟ ଲୀଳା ଅନୁଷ୍ଠିତ ହେବ । ଧର୍ମପତ୍ନୀଙ୍କୁ ସାଙ୍ଗରେ ନ ନେଇ ଘୋଷଯାତ୍ରାରେ ଯାଇଥିବାରୁ ମହାପ୍ରଭୁଙ୍କୁ ମା'ଲକ୍ଷ୍ମୀ ଠାକୁରାଣୀଙ୍କ ରୋଷର ଶିକାର ହେବାକୁ ହୋଇଥାଏ । ଲକ୍ଷୟତି ବା ପଶ୍ୟତୀତି ଲକ୍ଷ୍ମୀ – ଯାହା ବିଭୂତି ବା ଐଶ୍ୱର୍ଯ୍ୟ ବାଚକ, ଯିଏ ଅର୍ଥ ଓ ଐଶ୍ୱର୍ଯ୍ୟର ଦେବୀ, ପଡ଼ିଦାତ୍ରୀ, ପାଳନକର୍ତ୍ତୀ – ଯିଏ ନଥିଲେ ମନୁଷ୍ୟର ସ୍ଥିତି ଓ ପ୍ରଗତି ଅସମ୍ଭବ । ମା'ଲକ୍ଷ୍ମୀ ହେଉଛନ୍ତି ସୃଷ୍ଟିର ପାଳନକର୍ତ୍ତୀ ଓ ପଡ଼ିଦାତ୍ରୀ ଠାକୁରାଣୀ । ପୃଥିବୀର ସର୍ବପ୍ରାଚୀନ ଋଗ୍‌ବେଦରେ ଲକ୍ଷ୍ମୀଙ୍କୁ ଶ୍ରୀସୂକ୍ତ ଓ ଲକ୍ଷ୍ମୀ ସୂକ୍ତରେ ଯେଉଁ ପ୍ରାର୍ଥନା କରାଯାଉଛି ତାହା ଦାରିଦ୍ର୍ୟ ଦୂର କରିବା ପାଇଁ ଅବ୍ୟର୍ଥ ଔଷଧ । ଉକ୍ତ ପ୍ରାର୍ଥନାଟି ଏହିପରି – 'ହେ ପଦ୍ମମୁଖୀ, ପଦ୍ମଗାତ୍ରୀ, ପଦ୍ମନୟନା, କମଳପ୍ରିୟା ଲକ୍ଷ୍ମୀ, ତୁମେ ବିଷ୍ଣୁ ପ୍ରାଣ ବଲ୍ଲଭା ଓ ବିଶ୍ୱର ସବୁଠୁ ପ୍ରିୟ ଦେବୀ, ତୁମର ଚରଣ-କମଳ ମୋ ଘରେ, ମୋ ଉପରେ ସବୁବେଳେ ବିରାଜମାନ କରୁ । ଧନଧାନ୍ୟ, ଗୋ-ମହିଷାଦି, ପୁତ୍ର ପୁତ୍ରୀ ପ୍ରାପ୍ତ ହୁଏ ଓ ଆୟୁ ଶହେ ବର୍ଷ ହୁଏ । ମହାଲକ୍ଷ୍ମୀଙ୍କର ଏ ସମସ୍ତ ଜନ୍ମ ରହସ୍ୟ ଓ ଋଗ୍‌ବେଦୀୟ ମାହାତ୍ମ୍ୟ, ଆମ ଆରାଧ୍ୟ ସର୍ବଶ୍ରେଷ୍ଠ ଦେବତା ଶ୍ରୀଜଗନ୍ନାଥଙ୍କ ବଡ଼ଦେଉଳରେ ବିଶେଷ ଭାବରେ ପ୍ରତିଫଳିତ । ସିଂହଦ୍ୱାର ସମ୍ମୁଖରେ ଲକ୍ଷ୍ମୀ ବା ଶ୍ରୀଙ୍କର ସ୍ୱାଗତ ଭଙ୍ଗୀରେ ଉପବିଷ୍ଟ ମୂର୍ତ୍ତି – ଶ୍ରୀମନ୍ଦିର ନାମକରଣର ଔଚିତ୍ୟ ପ୍ରମାଣ କରେ । ପରଂବ୍ରହ୍ମ ଜଗନ୍ନାଥଙ୍କ ପଶ୍ଚାତଭାଗରେ ତାଙ୍କର ତ୍ରିଗୁଣ ଶକ୍ତି ହେଲେ ମହାକାଳୀ, ବିମଳା, ମହାସରସ୍ୱତୀ ଓ ମହାଲକ୍ଷ୍ମୀ । ନୀଳାଦ୍ରି ବିଜେ ନୀତି ସହ ରସଗୋଲା ବା ରସଗୋଲାର ଗଭୀର ସଂପର୍କ । ଅଭିମାନିନୀ ପତ୍ନୀ ଲକ୍ଷ୍ମୀଙ୍କୁ ରସଗୋଲା ଉପହାର ଦିଅନ୍ତି ମହାପ୍ରଭୁ । ମହାପ୍ରଭୁଙ୍କୁ ମଧ୍ୟ ଭୋଗ ଲାଗେ ରସଗୋଲା । ଶ୍ରୀମନ୍ଦିରରେ କେବଳ ଏହି ଗୋଟିଏ ଦିନ ରସଗୋଲା ଭୋଗ ହୁଏ । ଏହାପରେ ମହାପ୍ରଭୁ ବିଜେ କରିଥାନ୍ତି ରତ୍ନ ସିଂହାସନକୁ । ଗୋଟିଏ ବର୍ଷ ପାଇଁ ରଥଯାତ୍ରାର ପରିସମାପ୍ତି ଘଟିଥାଏ । ପହଣ୍ଡି ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧା ହୋଇଥାଏ। ଅଖଣ୍ଡବଇଠା ବସେ। ବଡ଼ ଠାକୁର ବଳଭଦ୍ର ଓ ସୁଭଦ୍ରା ପହଣ୍ଡି ହୋଇ ସିଂହାସନକୁ ଆସନ୍ତି। ଆସିଲାବେଳେ ପ୍ରତ୍ୟେକ ଠାକୁରଙ୍କୁ ଶୁଆଶାରୀ ଦେଉଳ ଠାରେ ପତିମହାପାତ୍ରେ ପ୍ରସାଦ ଲାଗି ଘସା ବିଡ଼ିଆ ମଣୋହି ଓ ବନ୍ଦାପନା କରନ୍ତି ।ଏହାପରେ ଦେବଦାସୀ ଯାଇ ଶ୍ରୀଜଗନ୍ନାଥଙ୍କ ସିଂହଦ୍ୱାରକୁ ଆସିବା ପୂର୍ବରୁ ଦରଜା ବନ୍ଦ କରିଦେଇଥାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ସିଂହଦ୍ୱାରକୁ ଆସିଲେ ତାହା ଫିଟାଇ ଦିଅନ୍ତି। ତା'ପରେ ମହାପ୍ରଭୁ ଭିତରକୁ ବିଜେ କରନ୍ତି। ଏଠାରେ ଜଗନ୍ନାଥ ଓ ଲକ୍ଷ୍ମୀ କେବଳ ଉପାସ୍ୟ ଦେବଦେବୀ ନୁହଁନ୍ତି – ବରଂ ସେମାନେ ଆମ ସଂସ୍କୃତିରେ ଗୃହସ୍ଥ-ଗୃହିଣୀ, ଦାମ୍ପତ୍ୟକଳହ ନିପୁଣ ପତି-ପତ୍ନୀ। ମାନବିକ ଦୋଷଗୁଣର ଆରୋପ କରାଯାଇ ଉଭୟଙ୍କ ମଧ୍ୟରେ ରାଗ, ରୋଷ, ଅଭିମାନ ତଥା ପରସ୍ପର ପ୍ରତି ଆକ୍ଷେପ ଓ ପ୍ରତିଆକ୍ଷେପର ପରିପ୍ରକାଶ ଘଟିଛି। ଅତଏବ ଆମ ଲୋକ ସଂସ୍କୃତିର ପ୍ରତୀକ ମହାପ୍ରଭୁ ଜଗନ୍ନାଥ ଓ ତାହାଙ୍କ ପତ୍ନୀ କମଳିନୀ ଲକ୍ଷ୍ମୀ ଠାକୁରାଣୀ ମାନବବାଦ ଓ ମାନବିକ ମୂଲ୍ୟବୋଧର ପ୍ରତୀକ ଭାବରେ ଗୃହୀତ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ




# ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

**ସୁବ୍ରତ କୁମାର ମହାନ୍ତି**

ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ । ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ । ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା । ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି । ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ । ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ । ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ । ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ । ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ । ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ । ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବତ୍ୱରକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ ।



**ପ୍ରସ୍ତୁତି ପ୍ରଣାଳୀ :**

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର



ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ । ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି । ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ । କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ । ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ । ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ । ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ । ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ । ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ । କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ । ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ । ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ । ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ ।

**ପ୍ରସ୍ତୁତ ସମୟର ସତର୍କତା :**

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ ବ୍ୟବହାର ଯୋଗ୍ୟ । ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ । ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ । ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍ । ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ ।

**ଜିଆଖତର ପ୍ରୟୋଗ :**

କ୍ଷେତ୍ର ଫସଲ ବା ଶସ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ । ମି ବୁଣିବା



ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ । ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ । ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

# କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ



ବିଜ୍ଞାନ ରଂଜନ ସାହୁ

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା





ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି– ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

କୃଷି ସ୍ନାତକୋତ୍ତର , ଓୟୁଏଟି

# ଟିଳାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା



ବିଜ୍ଞାନ ମିହିର ରାଉତ

ଟିଳାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି । ଏହାର ମୂଳ ବାସସ୍ଥାନ ଆଫ୍ରିକା । ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଳାପିଆ ଚାଷ ଆରମ୍ଭ ହୋଇଥିଲା । କିନ୍ତୁ ଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା । ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଳାପିଆକୁ ଚାଷ କରାଯାଇ ଅଭୁତପୂର୍ବ ସଫଳତା ହାସଲ କରାଯାଇଥିଲା । ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି । ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ । ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ । ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି ।

ଟିଳାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ । ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ । ନୀଳନଦୀ ଟିଳାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଳାପିଆ ଭାବେ ଗଣା ହୋଇଥାଏ । ନୀଳ ଟିଳାପିଆ ଶଙ୍କର ଜାତୀୟ ଟିଳାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ । ଏହା ସମୁଦାୟ ବିଶ୍ୱର ଟିଳାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ । ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ । ମୋଜାମ୍ବିଆ ଟିଳାପିଆ ନୀଳନଦୀ ଟିଳାପିଆର ପ୍ରଜାତି ଅଟେ । ଲାଲ୍ ଟିଳାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା । ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି ।

ଉତ୍ପାଦନ- ଟିଳାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି । ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଳାପିଆ ଉତ୍ପାଦନ କାରୀ ରାଷ୍ଟ୍ର । ବିଶ୍ୱର ଅର୍ଦ୍ଧାଧିକ ଟିଳାପିଆ ଚୀନ୍ ଆସିଥାଏ । ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ । ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ । ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ ।ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଳାପିଆ



ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ । ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଳାପିଆ ଉତ୍ପାନନ ହୋଇପାରିଥାଏ । ସେହିପରି ଚୀନ୍, ମାଲେସିଆ ଓ ଡିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପ୍ପିଆକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଘନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ ।

ପୋଖରୀ ଚାଷ- ଫିଲିଫାଇନ୍ସରେ ଟିଳାପିଆକୁ ଏକୁଟି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ । ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି । ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଳାପିଆ ଉତ୍ପନ୍ନ ହୋଇପାରିବ ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଳାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ମୋହିତ ଭାବେ ଚାଷ କରାଯାଇଥାଏ । ନୀଳନଦୀ ଟିଳାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ । ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ ।

ଏକଲିଙ୍ଗି ଚାଷ- ଟିଳାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ । ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଳାପିଆ ମାଛ ମିଳିଥାଏ । ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ । ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି । ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ । ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ । କହିବାକୁ ଗଲେ ଟିଳାପିଆ ଚାଷ ଲାଭଦାୟକ ଅଟେ । ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଳାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି ।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

# ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ । କୃଷିର ବି୍ଶ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ବିଗତ ୨୦୧୮ ଏପ୍ରିଲରୁ କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ନିରନ୍ତର ଭାବେ ପ୍ରକାଶ ପାଇ ଚାଷୀକୁଳ ପାଖରେ ବେଶ ସ୍ନେହ , ଶ୍ରଦ୍ଧା ସାଉଁଟିପାରିଛି । ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷିର ବିକାଶ ସହ କୃଷକର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ । ତେବେ ଆଗାମୀ ଡ଼ିସେମ୍ବର ୫ ତାରିଖ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଉଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଟି ଓ ଏହାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯିବା ହିଁ ଏହାର ମୂଳ ଲକ୍ଷ୍ୟ । କୃଷି ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମାଟି ସହ ଜନଜୀବନର ବିଶେଷତା ଉପରେ ସଚେତନତା କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି । ଏହି ପ୍ରବନ୍ଧର ବିଷୟ ବସ୍ତୁ ରହିଛି : ମାଟି -ଚାଷର ଏନ୍ତୁଡ଼ିଶାଳ ଓ ଇଂରାଜୀ ବିଭାଗ ପାଇଁ ବିଷୟ- soil-the life giver of all existence । ଛାତ୍ରଛାତ୍ରୀ ମାନେ ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରବନ୍ଧ ଲେଖି ୬୦୦-୭୦୦ ଶବ୍ଦ ମଧ୍ୟରେ ୩୦.୧୧.୨୦୨୧ ମଧ୍ୟରେ ପଠାଇବାକୁ ନିବେଦନ କରାଯାଇଛି । ପଠାଇବାର ଠିକଣା - ଇମେଲ- dshuvam97@gmail.com ଓ ଡ଼ାକ ମାଧ୍ୟମରେ - ମାର୍ଫତ- ସମ୍ପାଦକ,ଶ୍ୟାମଳ ସୁବର୍ଣ୍ଣ , ଷ୍ଟେଟ୍ ବ୍ୟାଙ୍କ ପାଖ , ବାସୁଦେବପୁର , ଭଦ୍ରକ ଠିକଣାରେ ପଠାଇପାରିବେ । ପ୍ରତିଯୋଗିତାର ଫଳାଫଳ ଆସନ୍ତା ଡ଼ିସେମ୍ବର ୫ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଘୋଷଣା କରାଯିବା ସହ ଶ୍ରେଷ୍ଠ ତିନିଜଣଙ୍କୁ ମାନପତ୍ର ଦିଆଯିବ ବୋଲି ସମ୍ପାଦକ କହିଛନ୍ତି ।




# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ଦାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୂବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

# ବାରୁଆ ଗ୍ରାମପଂଚାୟତ ସରପଂଚଙ୍କ ବିରୋଧରେ ୱାର୍ଡସଭ୍ୟ/ସଭ୍ୟାଙ୍କ ଅନାସ୍ଥା ପ୍ରସ୍ତାବ ନୋଟିସ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୁଅ ଗ୍ରାମପଂଚାୟତର ସରପଂଚ ସୁଶୀଳା ରାଉତଙ୍କ ବିରୋଧରେ ମୋଟ ୨୧ଜଣ ୱାର୍ଡସଭ୍ୟ/ସଭ୍ୟାଙ୍କ ମଧ୍ୟରୁ ୧୭ଜଣ ୱାର୍ଡସଭ୍ୟ/ସଭ୍ୟାମାନେ ନାୟବ ସରପଂଚ ବସନ୍ତ ନାୟକ ଓ ୧୫ନମ୍ବର ୱାର୍ଡସଭ୍ୟ ଗୋବର୍ଦ୍ଧନ ଦାସଙ୍କ ନେତୃତ୍ୱରେ ଶୁକ୍ରବାର ଉପଜିଲ୍ଲାପାଳଙ୍କୁ ଅନାସ୍ଥା ପ୍ରସ୍ତାବ ନୋଟିସ ପ୍ରଦାନ କରିଥିବା ଜଣାପଡିଛି । ଗତ ୮ତାରିଖରେ ଏହି ଉପଲକ୍ଷେ ପଂଚାୟତର ନାୟବ ସରପଂଚ ଶ୍ରୀ ନାୟକଙ୍କ ସଭାପତିତ୍ୱରେ ବାରୁଅସ୍ଥିତ ଶ୍ରୀ ସିଦ୍ଧ ମହାପୁରୁଷ ମଠ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ସେହି ବୈଠକରେ ବାରୁଅ ପଂଚାୟତର ସରପଂଚ ଶ୍ରୀମତୀ ରାଉତଙ୍କ ମନମୁଖି ବେଆଇନ କାର୍ଯ୍ୟ ପାଇଁ ସୃଷ୍ଟି ହୋଇଥିବା ଅରାଜକତା ବାତାବରଣ ଉପରେ ଉପସ୍ଥିତ ପଂଚାୟତର ୱାର୍ଡସଭ୍ୟ/ସଭ୍ୟାମାନେ ବିଷଦ ଭାବେ ଆଲୋଚନା କରି ପ୍ରସ୍ତାବ ଗୃହିତ କରିଥିଲେ । ପ୍ରସ୍ତାବ ଗୁଡିକ ମଧ୍ୟରେ ଗତ ଏକବର୍ଷ ହେବ ପଂଚାୟତର ବୈଠକ ନବସିବା, ପଲ୍ଲିସଭା ଓ ଗ୍ରାମସଭା ଆହୁତ ନହୋଇ ପଂଚାୟତରେ ବିଭିନ୍ନ କାର୍ଯ୍ୟ କରାଯିବା, ପିଛିଲା ପଲ୍ଲିସଭାରେ ଚଂଚକତା ପୂର୍ଣ୍ଣ ଭାବେ ବ ମାନର କାର୍ଯ୍ୟ ଗୁଡିକୁ ଯୋଗ କରାଯିବା,ପଂଚାୟତକୁ ଆସୁଥିବା ଗୁରୁତ୍ୱପୂର୍ଣ୍ଣ ସରକାରୀ ଚିଠିପତ୍ରକୁ ପଂଚାୟତ ବୈଠକରେ ଆଲୋଚନା କରାନଯିବା ପ୍ରଭୃତି ସରପଂଚଙ୍କ ମନମୁଖି କାର୍ଯ୍ୟକୁ ପ୍ରତିପାଦିତ କରୁଛି । ଗତ ଫନୀ ବାତ୍ୟାରେ ପଂଚାୟତକୁ ଆସିଥିବା ରିଲିଫ ସାମଗ୍ରୀ ପଂଚାୟତର ଜନସାଧାରଣଙ୍କ ମଧ୍ୟରେ ବଂଟନ କରାନଯାଇ ଏବେବି ପଂଚାୟତର ଗୋଦାମଘରେ ଖତ ଖାଇବା ସରପଂଚଙ୍କ ଅବହେଳାର ନିଦର୍ଶନ । ପଂଚାୟତରେ ଗ୍ରାମ ଆଲୋକୀକରଣ ଯୋଜନାରେ ଲଗାଯାଇଥିବା ଷ୍ଟ୍ରୀଟ ଲାଇଟରେ ବ୍ୟାପକ ଦୁର୍ନିତୀ, ଇନ୍ଦିରା ଆବାସ,ବିଜୁ ପକ୍କାଘର ଓ ମୋକୁଡିଆ ଯୋଜନାରେ ଠିକଣା ହିତାଧିକାରୀ ଚୟନ ନହେବା ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯାଉ । ଏହିସବୁ ଦୁର୍ନିତୀ,ବେଆଇନ,ଅବହେଳା ଓଭ୍ରଷ୍ଟାଚାର କାରଣରୁ ସରପଂଚ ଶ୍ରୀମତୀ ରାଉତଙ୍କ ଉପରୁ ଆସ୍ଥା ହରାଇ ତୁରନ୍ତ ତାଙ୍କୁ ଆଇନ ମୁତାବକ ବହିଷ୍କାର କରାଯିବା ପାଇଁ ବୈଠକରେ ଦାବୀ କରାଯାଇଛି । ବୈଠକରେ ସରପଂଚଙ୍କ ବିରୋଧରେ ଗୃହିତ ଅନାସ୍ଥା ପ୍ରସ୍ତାବକୁ କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ବୈଠକରେ ୱାର୍ଡସଭ୍ୟ ଉମେଶ ଚନ୍ଦ୍ର ପରିଡା, ରାଜ କିଶୋର ନାୟକ, ମୀନତି ପରିଡା, ସୁକାନ୍ତି ଦାସ, ନକୁଳ ମଳିକ, ସଂଯୁକ୍ତା ବିଶ୍ୱାଳ, ରଶ୍ମିତା ମଳିକ, ସ୍ନେହଲତା ପାଳ, ପ୍ରବୀର କୁମାର ମଳିକ, ବିଦ୍ୟୁଲତା ସେଠୀ, ମମତା ସାମଲ, ମାନସ ପରିଡା, ରୁକ୍ମଣୀ ପରିଡା, ଗୋବର୍ଦ୍ଧନ ଦାସ, ମନୋରମା ବିଶ୍ୱାଳ ଓ ଲିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସରପଂଚ ଶ୍ରୀମତୀ ରାଉତଙ୍କ ବିରୋଧରେ କୋଟି କୋଟି ଟଙ୍କା ଆତ୍ମସାତର ଅଭିଯୋଗ ଆଣିଛନ୍ତି ୧୭ଟି ୱାର୍ଡର ୱାର୍ଡସଭ୍ୟ/ସଭ୍ୟା । ଏମଜିଏନଆରଜିଏସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବନିକରଣ, ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ସମେତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ବିନା କାର୍ଯ୍ୟରେ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି । ଏଭଳିକି କୋଭିଡ ସମୟରେ ମଧ୍ୟ ସରପଂଚ କୌଣସି ୱାର୍ଡସଭ୍ୟ/ସଭ୍ୟାଙ୍କୁ ନଜଣାଇ ନିଜେ ସବୁ ନିମ୍ନମାନର ଉପକରଣ କିଣିଥିବା ଅଭିଯୋଗ ହୋଇଛି । ୨୧ଟି ୱାର୍ଡରେ ୮୦ଟି ନିମ୍ନମାନର ବିଦ୍ୟୁତ ବଲ୍ୱ ଲଗାଯାଇଥିବା ବେଳେ ୧୫୦ଟି ବଲ୍ୱ ଲାଗିଥିବା ଦର୍ଶାଇ ପ୍ରତ୍ୟେକ ବଲ୍ୱର ଦାମ ୧୫ହଜାର ୫ଶହ ଟଙ୍କା ଲେଖାଁଏ ବିଲ କରାଯାଇଥିବା ଅଭିଯୋଗ ହୋଇଛି । ସରପଂଚଙ୍କ ଏଭଳି ଏକଛତ୍ରବାଦ ନୀତି ବିରୋଧରେ ୱାର୍ଡସଭ୍ୟ/ସଭ୍ୟାମାନେ ବାଧ୍ୟ ହୋଇ ଅନାସ୍ଥା ପ୍ରସ୍ତାବ ନୋଟିସ ଦେଇଥିବା କହିଛନ୍ତି । ଯଦି ସରକାରୀ ଆଇନ ଅନୁଯାଇ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ସେମାନେ ବାଧ୍ୟ ହୋଇ ସବୁଦିନ ପାଇଁ ପଂଚାୟତ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧକ୍ଷା ଅନୁପମା ପାଢୀଙ୍କ ଅଧକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସର୍ଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି । ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି । ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ । ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି । କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି । ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ ି ହୋଇଥିଲା । କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ । ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି । ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି । ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି । ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା । ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା । ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି । ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୂପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି । ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି । ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା ିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି ।

MAHARISHI PUBLIC SCHOOL

2024-2025
ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

